## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ଘରକୁ ଘର ସ୍ୱାସ୍ଥ୍ୟ ପରୀକ୍ଷା, ଆଇନା ବନ୍ଧ ସାହି, ଅପରାହ୍ନ ୪ଟା।
- ୧୧ ରାଜନୈତିକ ଦଳର ସମ୍ମିଳନୀ, ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ପୂର୍ବାହ୍ନ ୧୧ଟା।
- ଇଷ୍ଟ କୋଷ୍ଟ ରେଲୱେ ପୋର୍ଟରସ ୟୁନିୟନର ବିକ୍ଷୋଭ, ବ୍ରହ୍ମପୁର ରେଳ ଷ୍ଟେଶନ, ପୂର୍ବାହ୍ନ ସାଢ଼େ ୧୦ଟା ।

**ଦାରିଙ୍ଗବାଡି**
- ସ୍ୱନେତ୍ର କାର୍ଯ୍ୟକ୍ରମ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମନବାଡି, ପୂର୍ବାହ୍ନ ୧୦।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୧୮।୧୧:** ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଶୁକ୍ରବାର ସକାଳେ ହଳଦିଆପଦର ମାଟିଆ ଗାଁ ନିକଟ ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଯୁବକଙ୍କ ପକେଟରୁ ମୋବାଇଲ ଫୋନ ଓ ଏକ କାଗଜ ମିଳିଛି। ମୋବାଇଲ ନମ୍ବରରୁ କେତେକ ନମ୍ବର ସଂଗ୍ରହ କରି ପୋଲିସ ଯୋଗାଯୋଗ କରିଥିଲେ ମଧ ମୃତକଙ୍କ ପରିଚୟ ପାଇପାରିନାହିଁ। ତାଙ୍କ ବୟସ ୩୫ରୁ ୪୦ ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ନଂ.୯୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବ୍ରହ୍ମପୁରକୁ ଜିଲା ଘୋଷଣା ଦାବି

**ବ୍ରହ୍ମପୁର ଅଫିସ,୧୮।୧୧:** ବ୍ରହ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। କମିଟି ପକ୍ଷରୁ କୁହାଯାଇଛି ଯେ, ଭୌଗଳିକ ଅବସ୍ଥିତ, ଗମନାଗମନ ଏବଂ ଯୋଗାଯୋଗ ଦୃଷ୍ଟିରୁ ଏହି ସହର ସହଜ ଓ ସୁବିଧାଜନକ ସ୍ଥିତିରେ ରହିଛି। କିନ୍ତୁ ଏହାର ବିକାଶ ପାଇଁ ସମୁଚିତ ଧ୍ୟାନ ଦିଆଯାଇ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ରହ୍ମପୁର ପଛରେ ରହିଛି। ସେହିପରି ବ୍ରହ୍ମପୁର ଏକ ସ୍ୱତନ୍ତ୍ର ପୋଲିସ ଜିଲା ହୋଇସାରିଛି। ସ୍ୱତନ୍ତ୍ର ଲେବର ଜିଲା ସହ ପରିବହନ ବିଭାଗ ମଧ ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ଜିଲା କାର୍ଯ୍ୟାଳୟ ରୂପେ ବିଚାର କରି ଏକ କାର୍ଯ୍ୟାଳୟ ଖୋଲାଯାଇ ଜିଲାସ୍ତରୀୟ କାର୍ଯ୍ୟାଳୟ ଓ କୋର୍ଟ ଏଠାରେ କାର୍ଯ୍ୟ କରୁଛି। କିନ୍ତୁ ସାଧାରଣ ପ୍ରଶାସନ ଏହାକୁ ସ୍ୱତନ୍ତ୍ର ସ୍ୱୟଂ ସଂପୂର୍ଣ୍ଣ ନୂତନ ଜିଲା ରୂପେ ଘୋଷଣା କରିବାରେ ଅସୁବିଧା କେଉଁଠି ରହିଲା ବୋଲି କମିଟି ପ୍ରଶ୍ନ କରିଛି। ଅଞ୍ଚଳର ସ୍ୱାର୍ଥ ଓ ଲୋକଙ୍କ ଆବେଗକୁ ଆଖି ଆଗରେ ରଖି ବ୍ରହ୍ମପୁର ଉପଖଣ୍ଡକୁ ବ୍ରହ୍ମପୁର ଜିଲା ରୂପେ ତୁରନ୍ତ ଘୋଷଣା କରିବା ପାଇଁ କମିଟି ଦାବି କରିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଡାକ ଓ ଇ-ମେଲ ମାଧ୍ୟମରେ ପତ୍ର ପ୍ରେରଣ କରାଯାଇଥିବା କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଆର୍‌ଡିସିଙ୍କୁ ବ୍ରାହ୍ମଣ ପୁରୋହିତ ସମିତିର ଦାବିପତ୍ର

**ବ୍ରହ୍ମପୁର ଅଫିସ,୧୮।୧୧:** ଆର୍ଯ୍ୟ ପରମ୍ପରା ଓ ହିନ୍ଦୁ ସନାତନ ସଂସ୍କୃତିକୁ ଅପପ୍ରଚାର କରୁଥିବା ହେତୁବାଦୀଙ୍କ ବିରୋଧରେ ଗଞ୍ଜାମ ଜିଲା ବ୍ରାହ୍ମଣ ପୁରୋହିତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଚାଲିଥିବା ହିନ୍ଦୁ ସନାତନ ଧର୍ମ ଓ ଆର୍ଯ୍ୟ ପରମ୍ପରା ରୀତିନୀତିକୁ ହେତୁବାଦୀ ସଂଗଠନ କଟୁ ମନ୍ତବ୍ୟ ଦେଇ କୁଠାରଘାତ କଲା ଭଳି କାର୍ଯ୍ୟକରୁଛି। ଏଣୁ ସମାଜକୁ ଏକ ସୁସ୍ଥ ଶୃଙ୍ଖଳିତ ଗଠନ କରିବା ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଉମା ବଲ୍ଲଭ ଦାଶ, ନରସିଂହ ପାଢ଼ି, ବାବୁଲା କୁମାର ଷଡଙ୍ଗୀ, ସଂପାଦକ ସନ୍ତୋଷ କର ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ତଦନ୍ତ

- ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ସ୍ଥିତି ଅନୁଧ୍ୟାନ
- କଲେଜ କର୍ତ୍ତୃପକ୍ଷ ଓ ବିଦ୍ୟାର୍ଥୀଙ୍କୁ ନେଇ ଆଲୋଚନା

**ବ୍ରହ୍ମପୁର ଅଫିସ,୧୮।୧୧**

ବ୍ରହ୍ମପୁର ସହରର ବହୁ ପୁରାତନ ଏକ ସରକାରୀ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଭିଡିଓ ଭାଇରାଲ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉକ୍ତ ମହାବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା, ଆଣ୍ଟି ରାଗିଂ ସେଲ, ଶୃଙ୍ଖଳା କମିଟି, ବିଦ୍ୟାର୍ଥୀଙ୍କ ସହ ପୃଥକ ଭାବେ କଥା ହୋଇତଥ୍ୟ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଅଭାବ ଥିବା ଅନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ମଧ ପଚାରି ବୁଝିଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ରାଗିଂ ଭଳି ମାନସିକତା ରଖୁଥିବା ଛାତ୍ରୀଛାତ୍ରଙ୍କୁ ଉଚିତ ଶିକ୍ଷା ବୋଲି ସେ କହିଥିଲେ। ଏଥିସହ ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦୃଷ୍ଟିରେ ରଖି ମହାବିଦ୍ୟାଳୟରେ ଆଣ୍ଟିରାଗିଂ ସେଲ ଓ ଶୃଙ୍ଖଳା କମିଟିକୁ ନିର୍ଦ୍ଦେଶ ଦେଇଥିଲେ। କ୍ୟାମ୍ପସ ପରିସର ମୁଖ୍ୟ ସ୍ଥାନଗୁଡ଼ିକରେ ଓ ଛାତ୍ରୀଛାତ୍ରଙ୍କ ଭିଡ଼ ଜମୁଥିବା ସ୍ଥାନକୁ ସିସିଟିଭି ନଜର ରଖିବା ନିମନ୍ତେ କହିଥିଲେ। କ୍ଲାସ ସମୟରେ ଛାତ୍ରୀଛାତ୍ର ଶ୍ରେଣୀରେ ଉପସ୍ଥିତ ରହିବେ। କ୍ୟାମ୍ପସ ପରିସରରେ କେହି ଅଯଥା ଭିଡ଼ ଜମାଇବେନି। ଆଣ୍ଟି ରାଗିଂ ସେଲ, ଶୃଙ୍ଖଳା କମିଟି ଓ ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ପ୍ରତ୍ୟେକ ଅଣ ଶିକ୍ଷକ କର୍ମଚାରୀ କ୍ୟାମ୍ପସ ପରିସରରେ ଛାତ୍ରୀଛାତ୍ରଙ୍କ ଆଚରଣ ଓ ବ୍ୟବହାର ଉପରେ ନଜର ରଖିବେ। ମହାବିଦ୍ୟାଳୟରେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ମଧ ଅଞ୍ଚଳିକ ନିର୍ଦ୍ଦେଶକ କହିଛନ୍ତି।

ଛାତ୍ରୀଙ୍କୁ ଅସଦାଚରଣ ଭିଡ଼ିଓ ଭାଇରାଲ ଘଟଣା ପରେ ବ୍ରହ୍ମପୁର ଏସ୍‌ପି ଡ଼.ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶରେ ବଡ଼ବଜାର ଥାନା ପୋଲିସ ନିଜଆଡ଼ୁ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଉକ୍ତ କଲେଜର ୫ ଛାତ୍ରଙ୍କୁ ପୋଲିସ ବୁଧବାର ଧରିଥିଲା। ସେଥିମଧ୍ୟରୁ ୩ ସାବାଳକ ଛାତ୍ରଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ ନାବାଳକ ଛାତ୍ରଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଥିଲା। ପରେ ନାବାଳକଦ୍ୱୟଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗୁରୁବାର ଅପରାହ୍ନରେ ଏସପି, ବଡ଼ବଜାର ଥାନା ଅଧିକାରୀ ଓ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ନେଇ ଘଟଣାର ଛାନ୍‌ଭିନ ହୋଇଥିଲା।। ପରେ ଭାଇରାଲ ଭିଡ଼ିଓକୁ ଆଧାର କରି ଏଥିରେ ସମ୍ପୃକ୍ତ ଥିବା ୧୨ଜଣ ବିଦ୍ୟାର୍ଥୀଙ୍କୁ ମହାବିଦ୍ୟାଳୟରୁ ବିତାଡ଼ିତ କରାଯାଇଥିଲା। ସୂଚନାଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ଅଭିଷେକ ନାହାକ ଜଣେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଙ୍କୁ ତାଙ୍କର ଅନ୍ୟ ସହଯୋଗୀଙ୍କ ସହିତ କଲେଜ ପରିସରରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଭିଷେକ ଏକ ପିଭିସି ପାଇପ୍ ଧରି ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଅନ୍ୟଜଣେ ଛାତ୍ର ଅସଦାଚରଣ କରୁଥିବା ଦୃଶ୍ୟର ଭିଡିଓ ରେକର୍ଡିଂ କରିବାକୁ କହୁଥିଲେ। ସେ ଛାତ୍ରୀଙ୍କ ହାତ ଓ ମୁଣ୍ଡକୁ ଜବରଦସ୍ତି ଟାଣି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା।


ମହାବିଦ୍ୟାଳୟରେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥ୍ୟ ସଂଗ୍ରହ କରୁଛନ୍ତି।

### ଭିସିରେ ଜରୁରୀ ବୈଠକ

ଦକ୍ଷିଣାଞ୍ଚଳ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଶୁକ୍ରବାର ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ସହ ଏକ ଜରୁରୀ ବୈଠକ କରିଥିଲେ। ଏଥିରେ ମୁଖ୍ୟତଃ ମହାବିଦ୍ୟାଳୟ ଗୁଡ଼ିକର ଆଣ୍ଟି ରାଗିଂ ସେଲର କାର୍ଯ୍ୟକାରିତା ସମ୍ପର୍କରେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସମୀକ୍ଷା କରିଥିଲେ। ର୍‍ୟାଗିଂ ରୋକିବା ନିମନ୍ତେ ଜରୁରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟରେ ଆଣ୍ଟି ରାଗିଂସେଲ, ସେକ୍ସୁଆଲ ହାରାସମେଣ୍ଟ ସେଲ ଓ ଶୃଙ୍ଖଳା କମିଟିକୁ କ୍ୟାମ୍ପସ ପରିସରରେ ସକ୍ରିୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବିକଲା ଭାଜପା

**ବ୍ରହ୍ମପୁର ଅଫିସ,୧୮।୧୧**

### କ୍ୟାମ୍ପସରେ କଲେଜ ଛାତ୍ରୀଙ୍କୁ ରାଗିଂ ଘଟଣା

ବ୍ରହ୍ମପୁରର ଏକ କଲେଜର ଜଣେ ଛାତ୍ରୀଙ୍କୁ କ୍ୟାମ୍ପସ ପରିସରରେ ଅସଦାଚରଣ ଘଟଣାକୁ ନେଇ ରାଜନୀତି ବୟାନବାଜି ଆରମ୍ଭ ହୋଇଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଛାତ୍ର ବିଜେଡିର କଲେଜ କ୍ୟାମ୍ପସ କମିଟିର ଜଣେ କର୍ମକର୍ତ୍ତାଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲେ ମଧ ଏହା ଯଥେଷ୍ଟ ନୁହେଁ ବୋଲି ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ଦର୍ଶାଇଛି। ତାଙ୍କ ସହ ଅନ୍ୟମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ନିଯୁକ୍ତି ଦେଇଥିବା ଛାତ୍ର ବିଜେଡିର ଜିଲା ସଭାପତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଯୁବ ମୋର୍ଚ୍ଚା ଦାବି କରିଛି।

ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ ଓ ଜିଲା ସଭାପତି ଶିବ ଶଙ୍କର ନାୟକ ଶୁକ୍ରବାର କହିଛନ୍ତି, ଅଭିଯୁକ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ କରାନଗଲେ ଏହାକୁ ପ୍ରସଙ୍ଗ କରି ଯୁବମୋର୍ଚ୍ଚା ଜିଲା ବ୍ୟାପି ଆନ୍ଦୋଳନକୁ ଜୋରଦାର କରିବ। କଲେଜର ବିଦ୍ୟାର୍ଥୀଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବା, ଆଣ୍ଟିଂ ରାଗିଂ କମିଟିକୁ କ୍ରିୟାଶୀଳ, ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ଲାଗି ଦାବି କରାଯାଇଛି। ଗଙ୍ଗଦେବ, ଭାଜପା ନେତା ସୁନିଲ କୁମାର ସାହୁ ଓ ଅନ୍ୟମାନେ ଶୁକ୍ରବାର କଲେଜ ଅଧ୍ୟକ୍ଷାଙ୍କୁ ଭେଟି ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଅଭିଯୁକ୍ତ ମାନଙ୍କୁ କଲେଜରୁ ବହିଷ୍କାର ଯଥେଷ୍ଟ ନୁହେଁ। ବିଚାରାଧୀନ ବନ୍ଦୀ ଥିବା ସମସ୍ତଙ୍କୁ ସ୍ୱତନ୍ତ୍ର କୋର୍ଟରେ ବିଚାର କରାଯାଇ ଦଣ୍ଡବିଧାନ କରାଯିବାରେ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ନିଅନ୍ତୁ। କଂଗ୍ରେସ ଓ ଅନ୍ୟ ସଂଗଠନ ପକ୍ଷରୁ ମଧ ଏହି ଘଟଣାର ନିନ୍ଦା କରାଯାଇଛି। ଛାତ୍ରଙ୍କୁ କ୍ୟାମ୍ପସ କମିଟିରୁ ବିଦା କରାଯାଇଥିବାରୁ ଏହାକୁ ନେଇ ରାଜନୀତି କରିବା ଅନୁଚିତ ବୋଲି ଛାତ୍ର ବିଜେଡି ପ୍ରତିକ୍ରିୟା ରଖିଛି।

## ଲାଞ୍ଚ ନେଇ ଲାଇନ୍‌ମ୍ୟାନ ଗିରଫ

**ଫୁଲବାଣୀ ଅଫିସ/ଟିକାବାଲି/ବାଲିଗୁଡ଼ା,୧୮।୧୧**

କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଜଣେ ଲାଇନ୍‌ମ୍ୟାନ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଲାଇନ୍‌ମ୍ୟାନ କାଲୁ ଚରଣ ପଲେଇ ବିଦ୍ୟୁତ୍ ସଂଯୋଗ କରିବାକୁ ଜଣେ ଗ୍ରାହକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଧରାପଡି ଗିରଫ ହୋଇଛନ୍ତି। ଛଡିଘର ଗାଁର ରିଙ୍କୁ ଭୁକ୍ତା ନାମକ ଜଣେ ବ୍ୟକ୍ତି ତାଙ୍କ ଦୋକାନକୁ ବିଦ୍ୟୁତ୍ ସଂଯୋଗ ନେବା ପାଇଁ ଅନ୍‌ଲାଇନରେ ଆବେଦନ କରିବା ସହ ଆବଶ୍ୟକ ଟଙ୍କା ମଧ ପଇଠ କରିଥିଲେ। ହେଲେ ଲାଇନ୍ ମ୍ୟାନ୍ କାଲୁ ୫ ହଜାର ଟଙ୍କା ନ ଦେଲେ ବିଦ୍ୟୁତ ସଂଯୋଗ ଦେଇ ହେବ ନାହିଁ ବୋଲି ରିଙ୍କୁଙ୍କୁ କହିଥିଲେ। ଏ ନେଇ ରିଙ୍କୁ ଗତ ୧୭ ତାରିଖରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ରିଙ୍କୁଙ୍କ ପାଖକୁ ଟଙ୍କା ନେବା ପାଇଁ କାଲୁ ଆସିଥିଲେ। ଟଙ୍କା ନେଇ ସେ ଗାଡି ଡିକିରେ ରଖିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ନଂ.୨୫/୨୨ରେ ମାମଲା ରୁଜୁ ହୋଇଛି।



ସେଲ୍‌ଫି କର୍ନର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**bmpselfie@gmail.com**


@ ଅଞ୍ଜୁ


@ ଗାୟତ୍ରୀ


@ ରାଜଲକ୍ଷ୍ମୀ


@ ସମୀର


@ ପିଣ୍ଟୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଛାତ୍ରୀଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୧୮।୧୧**

### ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଡିଏଲଏସଏଙ୍କୁ ନିର୍ଦ୍ଦେଶ

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଭାସ୍କର ନାହାକ(୫୬)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତ ଅତିରିକ୍ତ ୩ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତା ଛାତ୍ରୀଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ (ଡିଏଲଏସଏ)ଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଥିବା ପିପି ମୋହନ ସିଙ୍ଗାରୀ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ଭାସ୍କର ଜଣେ ଦିବ୍ୟାଙ୍ଗ। ୨୦୧୯ ଏପ୍ରିଲ ୨୫ ତାରିଖରେ ସେ ଜଣେ ନାବାଳିକା ଛାତ୍ରୀଙ୍କୁ ତାଙ୍କ ଘରକୁ ଡାକି ବଳାତ୍କାର କରିଥିଲେ। ପରେ ଛାତ୍ରୀ ଜଣଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପୀଡ଼ିତାଙ୍କ ମା' ଏ ନେଇ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୮/୧୯ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ଭାସ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ପକ୍ଷରୁ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ଗିରଫ ପରଠାରୁ ଭାସ୍କର ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶୁକ୍ରବାର ମାମଲାର ବିଚାର ବେଳେ ତାଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ୧୬ ଜଣ ସାକ୍ଷୀ ଓ ପୋଲିସର ଚାର୍ଜଶିଟକୁ ଭିତ୍ତି କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି।

## ବିସିସି ବ୍ୟାଙ୍କ ଉପସଭାପତି ନିର୍ବାଚନ ୩ରେ

**ବ୍ରହ୍ମପୁର ଅଫିସ,୧୮।୧୧**

### ୨ରେ ନାମାଙ୍କନ ଦାଖଲ

ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ଉପସଭାପତି ନିର୍ବାଚନ ପାଇଁ ଡିସେମ୍ବର ୨ରେ ନାମାଙ୍କନ ଦାଖଲ ହେବ। ଆବଶ୍ୟକସ୍ଥଳେ ୩ରେ ଭୋଟ ଗ୍ରହଣ କରାଯିବ। ଶୁକ୍ରବାର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ୟାଙ୍କ ପରିଚାଳନା ବୋର୍ଡକୁ ୪ ମହିଳା ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକରୁ ବିଷ୍ଣୁପ୍ରିୟା ନାୟକ ଓ ପାତ୍ରପୁର ବ୍ଲକରୁ ଗୀତାଞ୍ଜଳି ପ୍ରଧାନ ବିଜେଡି ମନୋନୀତ ଥିବା ବେଳେ ବ୍ରହ୍ମପୁର ଜୋନରୁ କୁନି କୁମାରୀ ଦାସ ଓ ପୁରୁଷୋତ୍ତମପୁର ବ୍ଲକରୁ ସୁଷମା ବେହେରା ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ୪ ମହିଳାଙ୍କ ମଧ୍ୟରୁ ଶାସକ ଦଳ କାହାକୁ ମନୋନୀତ କରିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ,୧୮।୧୧**

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନା ସଭା ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ରାଧାଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭିକାରୀ ଚରଣ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଭା ଆରମ୍ଭ କରିଥିବା ବେଳେ ମଞ୍ଚର ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗଞ୍ଜାମ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଶେଷକରି ଗ୍ରାମାଞ୍ଚଳରେ ଅସହାୟ ଗରିବ ବରିଷ୍ଠ ନାଗରିକମାନେ ସାଧାରଣ ବଣ୍ଟନ ସାମଗ୍ରୀ ପାଇବାରୁ ବଞ୍ଚିତ ଅଛନ୍ତି। ସେମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏଥିପାଇଁ ସଚେତନତା ସୃଷ୍ଟି କରିବା ସହ ଗୁରୁତ୍ୱ ପ୍ରଦାନ କରୁଥିଲେ ମଧ ସେମାନଙ୍କ ସମସ୍ୟା ସୁଧୁରୁନି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

ଅନ୍ୟପଟେ ୨୦୧୬ରୁ ୨୦୧୯ ମଧ୍ୟରେ ଗୃହ ବିଭାଗ ଅନୁମୋଦନ କ୍ରମେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ପରିଚୟପତ୍ର ପ୍ରଦାନ ସହ ସେମାନଙ୍କ ଯାନବାହନରେ ଫଟୋଯୁକ୍ତ ପରିଚୟପତ୍ର ଦିଆଯାଇଥିଲା। ବର୍ତ୍ତମାନ ଏଭଳି ପରିଚୟପତ୍ର ଦିଆଯାଉ ନାହିଁ। ଏଥିପାଇଁ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ଅତିଥିମାନେ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ବିଜୟ କୁମାର ସାହୁ, ସୁବାସ ଚନ୍ଦ୍ର ସୁବୁଦ୍ଧି, ରାମକୃଷ୍ଣ ଆଚାରୀ, ଶ୍ୟାମାପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ।

## ଅନ୍‌ସ୍ଲୋ ଖେଳପଡ଼ିଆ ହେବ ମିନି ଷ୍ଟାଡିୟମ

**ଛତ୍ରପୁର,୧୮।୧୧(ଡି.ଏନ.ଏ)**

ଛତ୍ରପୁର ଠାରେ ଥିବା ଅନ୍‌ସ୍ଲୋ ସରକାରୀ ହାଇସ୍କୁଲର ଖେଳପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଛତ୍ରପୁର ଠାରେ କ୍ରୀଡା ବିଭାଗ ପକ୍ଷରୁ ଷ୍ଟାଡିୟମ ରହିଥିବା ବେଳେ ଏଠାରେ ମିନି ଷ୍ଟାଡିୟମ ନ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହରରେ ଗୋଟିଏ ଲେଖାଏ ମିନି ଷ୍ଟାଡିୟମ ସ୍ଥାପନ ଲାଗି ୪ ବର୍ଷ ପୂର୍ବେ ସ୍ଥିର ହୋଇଥିଲା। ମାତ୍ର କୌଣସି କାରଣବଶତଃ ଜିଲାର ହେଡକ୍ୱାର୍ଟର ଛତ୍ରପୁର ହୋଇ ମଧ ଏଠାରେ ମିନି ଷ୍ଟାଡିୟମ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇ ନ ଥିଲା। ଏବେ ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲର ଖେଳପଡିଆକୁ ମିନି ଷ୍ଟାଡିୟମ ଭାବେ ପରିଣତ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେଇଛି। ଶୁକ୍ରବାର ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତୀଭାସନ ଅନସ୍ଲୋ ଖେଳପଡିଆ କୁ ଯାଇ ମିନି ଷ୍ଟାଡିୟମ ନିର୍ମାଣ ଲାଗି ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ମିନି ଷ୍ଟାଡିୟମ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବ। ଏଥିଲାଗି ଏଷ୍ଟିମେଟ୍ ପ୍ରସ୍ତୁତ କରାଯିବ ଏବଂ ଛତ୍ରପୁର ବ୍ଲକ ପକ୍ଷରୁ ଏହାକୁ ତ୍ୱରାନ୍ୱିତ କରାଯିବ। ମିନିଷ୍ଟାଡିୟମ ପାଇଁ ଏଥିରେ ପାଣି, ପାଇଖାନା, ମାଟିକୁ ସମତଳ ସହ ଏକ ସିନ୍ଥେଟିକ୍ ରନିଙ୍ଗ୍ ଟ୍ରାକ୍ କରାଯିବ ବୋଲି ସୂଚନା ଦିଆଯାଇଛି। ପରିଦର୍ଶନ ବେଳେ ଛତ୍ରପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଜିଲାପରିଷଦର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ଅଷ୍ଟବିଂଶତମ ବାର୍ଷିକ କ୍ରୀଡ଼ା



**ସୋରଡ଼ା,୧୮।୧୧(ଡି.ଏନ୍.ଏ.):** ସୋରଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଅଷ୍ଟବିଂଶତମ ବାର୍ଷିକ କ୍ରୀଡା ଖେଳପଡିଆରେ ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଆଇଆଇସି ରମେଶ କୁମାର ପ୍ରଧାନ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସାମୂହିକ ପ୍ରାର୍ଥନା ପରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କ ପରିଚାଳନାରେ ସଭାପତି ମହେଶ୍ୱର ସାହୁ, ସମ୍ପାଦକ ରୋହିତ କୁମାର ବିଶୋଇ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ କୁମାର ନାୟକଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଖେଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମରୁ ୧୦ମ ଶ୍ରେଣୀର ଶିଶୁ ଭାଗ ନେଇଥିଲେ। ୨ ଦିନିଆ ଏହି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳ ଆନନ୍ଦ ମୁଖର ହୋଇଛି।

### ବେଆଇନ ପଲିଥିନ ଜବତ

**ଗୋପାଳପୁର,୧୮।୧୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ପୋଲିସ ୩ ଟନ୍ ୩୦୦ କେଜି ବେଆଇନ ପଲିଥିନ ଜବତ କରିଛି। ତେଲଙ୍ଗାନା ହାଇଦ୍ରାବାଦ ଅଞ୍ଚଳରୁ ଏକ ଟାଟା ଏସିଇ ଯୋଗେ ପଲିଥିନ ଲୋଡ଼ ହୋଇ ହଳଦିଆପଦର ଆସିଥିଲା। ଏହି ସମୟରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଉକ୍ତ ଗାଡ଼ିକୁ ଯାଞ୍ଚ ବେଳେ ପଲିଥିନ ଥିବା ଜଣାପଡ଼ିଥିଲା। ପଲିଥିନକୁ ସରକାରଙ୍କ ପକ୍ଷରୁ ବେଆଇନ ଘୋଷଣା କରାଯାଇଛି। ବ୍ୟବସାୟୀମାନେ ଉକ୍ତ ପଲିଥିନଗୁଡ଼ିକୁ ଆଣି ଦୋକାନୀମାନଙ୍କୁ ବିକ୍ରି କରୁଥିବା ତଦନ୍ତରେ ଜଣାପଡ଼ିଥିଲା। ପୋଲିସ ଉକ୍ତ ଗାଡ଼ିକୁ ନିଜ ହେପାଜତକୁ ନେବା ସହ କନିଷ୍ଠ ତହସିଲଦାରଙ୍କୁ ହସ୍ତାନ୍ତର କରିଥିଲା। ଉକ୍ତ ପଲିଥିନଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ କରାଯିବ ବୋଲି କନିଷ୍ଠ ତହସିଲଦାର ପ୍ରଲୟାନନ୍ଦ ଶତପଥୀ ସୂଚନା ଦେଇଛନ୍ତି।

### ଚଢ଼ିଗଲା କାର୍, ୨ ଆହତ



**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.):** ମୋହନା ଥାନା ଚନ୍ଦ୍ରଗିରିଠାରେ ଗୁରୁବାର ଏକ କାର୍ ଆର. ଉଦୟଗିରିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଚା' ଦୋକାନ ନିକଟ ରାସ୍ତା କଡରେ ଛିଡା ହୋଇଥିବା ୨ ଜଣଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଚନ୍ଦ୍ରଗିରି ଗ୍ରାମର କାଳୁଚରଣ ବେହେରା ଓ ଜିତେନ୍ଦ୍ର ମହାଙ୍କୁଡ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେପଟେ ଦୁର୍ଘଟଣା ଘଟାଇଥିବା କାର ସହ ଚାଳକଙ୍କୁ ଚନ୍ଦ୍ରଗିରି ଫାଣ୍ଡିରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଖବରକାଗଜ ବିତରକଙ୍କ ପିତୃ ବିୟୋଗ

**ଖଲ୍ଲିକୋଟ,୧୮।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ କେଶପୁର ଅଞ୍ଚଳର ଖବରକାଗଜ ବିତରକ ପ୍ରକାଶ ସାହୁ, ଶ୍ରୀହର୍ଷ ସାହୁଙ୍କ ପିତା କୈଳାସ ସାହୁଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୩୦ ବର୍ଷ ହେବ ଧରିତ୍ରୀ ସହ ବିଭିନ୍ନ ଖବର କାଗଜ ବିତରଣ କରୁଥିଲେ। ଶୁକ୍ରବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ତିନି ପୁଅ, ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ।

### ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ଭଞ୍ଜନଗର,୧୮।୧୧(ଡି.ଏନ.ଏ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡଃ ପୀତବାସ ପାଳ କିଛି ଦିନ ପୂର୍ବେ ଏଠାରୁ ବଦଳି ହୋଇ ବିଡିପୁର କଲେଜକୁ ଯାଇଥିଲେ। ଶୁକ୍ରବାର ଏ ନେଇ ସ୍ଥାନୀୟ ବନ ବିହାର ପରିସରରେ ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ସାତ୍ୟକି ସାହୁ, ପ୍ରାଧ୍ୟାପିକା ଆରତି ପ୍ରଧାନ, ପ୍ରାଧ୍ୟାପକ ହରପ୍ରସାଦ ଶତପଥୀ, ବିଭାସ ଦାସ, ଅଧ୍ୟାପିକା ବିସ୍ମିତା ଛତର, ପୂଜା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଦୂବଘାଟି, ଟେଙ୍ଗେରୀ ଗ୍ରାମବାସୀଙ୍କୁ ଚୁଆ ଭରସା

## ପ୍ରକଳ୍ପ ଅଛି, ପାଣି ମିଳୁନି

**ଫୁଲବାଣୀ ଅଫିସ, ୧୮।୧୧**

କନ୍ଧମାଳ ଜିଲା ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପାଣିର ଘୋର ଅଭାବ। ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ବହୁ ପ୍ରକଳ୍ପ କରାଯାଇଛି। ହେଲେ ଅନେକ ସମୟରେ ଏସବୁ ଅକାମୀ ହୋଇପଡୁଛି। ଫଳରେ ଲୋକେ ସବୁ ସମୟରେ ଜଳ କଷ୍ଟରେ ରହୁଛନ୍ତି। ତେଣୁ ଚୁଆ ଏବଂ ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପାଣି ପାଇଁ ଏହି ପଞ୍ଚାୟତର ଦୂବଘାଟି ଏବଂ ଟେଙ୍ଗେରୀ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଦୂବଘାଟି ଓ ଟେଙ୍ଗେରୀ ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। ସେଠାରୁ ଲୋକେ ପାଣି ନେଉଥିଲେ। ଦୁବଘାଟି ଗ୍ରାମର ଉପର ସାହିରେ ବର୍ଷେ ହେବ ଏହି ପ୍ରକଳ୍ପ ହୋଇଥିଲା। ୩/୪ ମାସ ଲୋକେ ପାଣି ପାଇଲେ। ଏହାପରେ ପ୍ରକଳ୍ପ ଖରାପ ହୋଇଗଲା। ପାଖାପାଖି ୯ ମାସ ହେବ ଏହା ଅଚଳ ପଡିଛି। ସେହିପରି ଟେଙ୍ଗେରି ଗ୍ରାମରେ ୨ ବର୍ଷ ହେବ ପ୍ରକଳ୍ପ କରାଯାଇ ପାଣି ଦିଆଯାଉଥିଲା। ତେବେ ଗତ ୬ ମାସ ହେଲା ସୋଲାର ଠିକ ଭାବେ କାମ କରୁ ନ ଥିବାରୁ ପାଣି ଉଠି ପାରୁନି। ଅଳ୍ପ ପରିମାଣର ପାଣି ସେଠାରେ ମିଳୁଛି। ଲୋକେ ପାଣି ପାଇଁ ବହୁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଦୁବଘାଟି ଗ୍ରାମରେ ଥିବା ନଳକୂପ ଅଚଳ। ପ୍ରତି ଦୁଇ ଘଣ୍ଟାରେ ଥରେ ଅଳ୍ପ ସମୟ ପାଇଁ ପାଣି ବାହାରୁଛି। ତାହା ପୁଣି ଗୋଳିଆ। କିଛି ଦିନ ତଳେ ଏହାର ମରାମତି କରାଯାଇଛି। ଗ୍ରାମବାସୀ କହିଛନ୍ତି



ଟେଙ୍ଗେରୀ ଗ୍ରାମରେ ଅଚଳ ହୋଇଥିବା ପ୍ରକଳ୍ପ।

ପ୍ରଥମେ ପ୍ରକଳ୍ପ ଯୋଗେ ପାଣି ମିଳିବାରୁ ବହୁତ ଖୁସି ହୋଇଥିଲୁ। କିଛି ଦିନ ପରେ ଏହା ଅଚଳ ହୋଇଗଲା। ପୂର୍ବ ପରି ପୁଣି ଏବେ ଚୁଆ ଏବଂ ନାଳ ପାଣି ବ୍ୟବହାର କରୁଛୁ। ଏଥିପାଇଁ ଅନେକ ସମୟରେ ରୋଗରେ ପଡୁଛୁ। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦୁବଘାଟି ଗ୍ରାମର ଚିତ୍ତରଞ୍ଜନ କହଁର, ମୃତ୍ୟୁଞ୍ଜୟ କହଁର, ବିଜୟ କହଁର, ବିଦ୍ୟାଧର କହଁର, ଟେଙ୍ଗେରି ଗ୍ରାମର ପ୍ରଦୀପ କହଁର, ଚକ୍ରଧର କହଁର ପ୍ରମୁଖ ପ୍ରକାଶ କରିଛନ୍ତି। ଗୁମାଗଡ ସରପଞ୍ଚ ପ୍ରତାପ ଚନ୍ଦ୍ର କହଁର କହିଛନ୍ତି, ପାନୀୟ ଜଳ ସମସ୍ୟା ଏହି ଦୁଇଟି ଗାଁରେ ପ୍ରକଳ୍ପ ଅଚଳ ଯୋଗୁ ହୋଇଛି। ସୋଲାର ସଜାଡିବାକୁ ବାରମ୍ବାର ଫୋନ ଯୋଗେ ଡାକିଲେ ଦିନ ଗଡ଼ାଇ ଚାଲୁଛନ୍ତି। ନଳକୂପ କିଛି ଦିନ ହେବ ମରାମତି ହୋଇଛି। ସେଥିରୁ ଆବଶ୍ୟକ ଅନୁଯାୟୀ ପାଣି ମିଳୁନାହିଁ। ତୁରନ୍ତ ଅଚଳ ପ୍ରକଳ୍ପ ମରାମତି ହେଲେ ଲୋକେ ପାଣି ପାଇ ପାରିବେ ବୋଲି ସରପଞ୍ଚ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କୁନାମୀ ହେମ୍ବ୍ରମଙ୍କୁ ପଚାରିବାରୁ ଘଟଣା ବିଷୟରେ ସେ ଜାଣି ନ ଥିବା କହିଥିଲେ। ସମସ୍ୟା ସମାଧାନ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଯନ୍ତ୍ରୀ ହେମ୍ବ୍ରମ କହିଛନ୍ତି।

## ୧୮୭ ଗ୍ରାମ୍ ସୁନା, ୨ କେଜି ରୁପା ଜବତ



ଜବତ ସୁନା ରୁପା।

**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.)**

ଗଜପତି ଜିଲା ମୋହନା ଥାନା କମଳାପୁର ନାକା ପଏଣ୍ଟରେ ପୋଲିସ ଯାଞ୍ଚ ବେଳେ ଏକ ଗାଡିରୁ ୧୮୭ ଗ୍ରାମ ସୁନା, ୨କେଜି ୭୦୦ ଗ୍ରାମ ରୁପା ଜବତ ହୋଇଛି। ବେଆଇନ୍ ଚାଲାଣ ଅଭିଯୋଗରେ ପୋଲିସ ଡ୍ରାଇଭରଙ୍କ ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବ୍ରହ୍ମପୁର ଶିବାନୀ ଜୁଏଲର୍ସରୁ ଉକ୍ତ ସୁନା ରୁପା ମୁନିଗୁଡା ବେଆଇନ ଭାବେ ଚାଲାଣ ହେଉଥିଲା। ଜବତ ହୋଇଥିବା ସୁନା ରୁପା ମଧ୍ୟରେ ବହୁ ଦାମୀ ଚେନ, ବ୍ରେସଲେଟ ଏବଂ ଅନେକ ଅଳଙ୍କାର ରହିଥିବା ବେଳେ ଜିଏସଟି ଫାଙ୍କି ଏହି କାରବାର ହେଉଥିବା ଜଣାପଡିଛି। ଯାହାକୁ ପୋଲିସ ଜବତ କରିବା ସହ ଜିଏସଟି ଅଧିକାରୀଙ୍କୁ ସୁଚିତ କରିଛନ୍ତି। ଜିଏସଟି ଫାଇନ ସହ ଟେକ୍ସ ପକାଇ ଛଡାଯିବ ବୋଲି ମୋହନା ଥାନା ଆଇଆଇସି ସୂଚନା ଦେଇଛନ୍ତି।

# ଚୋରି ମାମଲା, ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚାନ ଦେଉଛି।

## ୫ ଲକ୍ଷରୁ ଅଧିକ ଟଙ୍କାର ଚୋରି ସାମଗ୍ରୀ ଜବତ

**ହିଞ୍ଜିଳିକାଟୁ ୧୮।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ହିଞ୍ଜିଳି, ବ୍ରହ୍ମପୁର, ଦିଗପହଣ୍ଡି, ପାଟପୁର, ଆସିକା ଥାନା ସହ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ଜିଲା କାଭିଟି ଥାନା ଅଞ୍ଚଳରୁ ୧୪ ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ପେସାଦାରଙ୍କୁ ଗୁରୁବାର ସ୍ଥାନୀୟ ପୋଲିସ ଗିରଫ କରିଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ସାମଗ୍ରୀ କିଣିଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଶୁକ୍ରବାର ହିଞ୍ଜିଳି ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ ସୂଚନା ଦେଇଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଜରଡା ଥାନା ଅନ୍ତର୍ଗତ ପାତ୍ରପୁର ପନ୍ଦରା ସାହିର ଚନ୍ଦ୍ରଶେଖର ବାଡତ୍ୟା, ଚୋରି ସାମଗ୍ରୀ ରଖିଥିବା ଅଭିଯୋଗରେ ଗିରଫମାନେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ବାଘମୁଣ୍ଡା ଗାଁର ବ୍ରହ୍ମଚାରୀ ପ୍ରଧାନ ଓ ପାଟପୁର ଥାନା ସୁମନ୍ତପୁର ଗାଁର ଶ୍ରୀକାନ୍ତ ସାବତ। ସେମାନଙ୍କଠାରୁ ୫ ଲାପଟପ,୨ ସିପିୟୁ,୨ କମ୍ପ୍ୟୁଟର ମନିଟର, ପ୍ରିଣ୍ଟର, ଏସି ମେଶିନ, ୩ ଏଲଇଡି ଟିଭି, ୫ ପାଣି ପମ୍ପ, ୬ ସାଉଣ୍ଡ ସିଷ୍ଟମ, ୱେବ କ୍ୟାମେରା, ମୋବାଇଲ ଓ ଗୋଟିଏ ବାଇକ ଆଦି ଜବତ ହୋଇଛି। ପ୍ରକାଶ ଯେ, ଗୁରୁବାର ହିଞ୍ଜିଳି ଥାନା ଆଡପଡା ଫାଣ୍ଡି ଅଞ୍ଚଳରେ ଚୋରି ସାମଗ୍ରୀ ବିକ୍ରି ହେଉଥିବା ଖବର ପାଇ ହିଞ୍ଜିଳି ପୋଲିସର ଏକ ଟିମ୍ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରଶେଖର ବାଡତ୍ୟାଙ୍କୁ କାବୁ କରିଥିଲା। ପଚରାଉଚୁରା ପରେ ସେ ହିଞ୍ଜିଳି ଥାନା ପୋଟିଳିମା ପଞ୍ଚାୟତ ଅଫିସରୁ ଗତ ସେପ୍ଟେମ୍ବର ୨୯ରେ ହୋଇଥିବା ଚୋରି ଘଟଣା (କେସ ନଂ – ୫୨୮/୨୨)ସହ, ସମରଝୋଳ କାଳୀ ମନ୍ଦିର ଚୋରି (୩୬୫/୨୨) ଓ ହିଞ୍ଜିଳିକାଟୁ ମୁଖ୍ୟ ବଜାରରେ ଥିବା ଏକ ଡ୍ରେସ ଦୋକାନ( ୪୮୫/୨୨) ଚୋରି ଘଟଣାରେ ସଂପୃକ୍ତ ଥିବା ସ୍ୱୀକାର କରିଥିବା ଏଏସପି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟ ଅଭିଯୁକ୍ତ ବାତ୍ୟା ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ୪ ଚୋରି ମାମଲା, ଦିଗପହଣ୍ଡି ଓ ଆସିକା ଥାନା ପରିସରରେ ଗୋଟିଏ ଏବଂ ପାଟପୁର ଥାନା ପରିସରରେ ୪ ଚୋରି ମାମଲାରେ ସଂପୃକ୍ତ ଥିବା ପୋଲିସ କହିଛି। ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ଜିଲା କାଭିଡି ଅଞ୍ଚଳର ଏକ ସ୍କୁଲରୁ ମଧ୍ୟ ଚୋରି କରିଥିବା ସାମଗ୍ରୀ ପୋଲିସ ଜବତ କରିଛି। ସାମ୍ବାଦିକ ସମ୍ମିଳନୀରେ ଆସିକା ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଶେରଗଡ଼ ଥାନାଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ଜବତ ବାଣ ନଷ୍ଟ

**ଗୋପାଳପୁର,୧୮।୧୧(ଡି.ଏନ.ଏ.)**

ଦୀପାବଳି ପୂର୍ବରୁ ଗୋଳନ୍ଥରା ଓ ଗୋଷାଣୀ ନୂଆଗାଁ ପୋଲିସ ପକ୍ଷରୁ ଜବତ ହୋଇଥିବା ଲକ୍ଷାଧିକ ଟଙ୍କାର ବେଆଇନ ବାଣକୁ ଶୁକ୍ରବାର ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ଥାନା ଅନ୍ତର୍ଗତ ସୁମାଣ୍ଡିଠାରେ ବେଆଇନ ଭାବେ ବାଣ ଘରେ ବିକ୍ରି କରୁଥିବା ଖବର ପାଇ ଅକ୍ଟୋବର ୨୨ରେ ଗୋଳନ୍ଥରା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିବା ସହ ଦୁଇଜଣଙ୍କୁ କାବୁ କରାଯାଇଥିଲା। ଏନେଇ ନଂ. ୩୮୬/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଉକ୍ତ ବାଣକୁ ନଷ୍ଟ କରିବା ପାଇଁ ଡେପୁଟି ଚିଫ୍ କଣ୍ଟ୍ରୋଲର ଏକ୍ସପ୍ଲୋସିଭ୍ କାର୍ଯ୍ୟାଳୟକୁ ପୋଲିସ ପକ୍ଷରୁ ଚିଠି କରାଯାଇଥିଲା। ଶୁକ୍ରବାର ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ଗୋଳନ୍ଥରା ଥାନାରେ ପହଞ୍ଚିଥିଲେ। ଉକ୍ତ ବାଣକୁ ପାଲୁରହିଲ ସ୍ଥିତ ଏକ ନିଛାଟିଆ ସ୍ଥାନରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ନଷ୍ଟ କରାଯାଇଥିଲା। ଏଥିସହ ଗୋଷାଣୀ ନୂଆଗାଁ ଥାନା ପକ୍ଷରୁ ଦୁଇଟି ମାମଲାରେ ଜବତ ହୋଇଥିବା ବାଣକୁ ମଧ୍ୟ ସେଠାରେ ନଷ୍ଟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।



ବାଣ ନଷ୍ଟ କରାଯାଉଛି।

# ପଞ୍ଚାୟତ ସମିତି ବୈଠକ




ବୈଠକରେ ମଞ୍ଚାସୀନ ଅତିଥି।

**ଆସିକା,୧୮।୧୧(ଡି.ଏନ.ଏ)**

ଆସିକା ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ଫକୀର ଚରଣ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ଆସିକା ବ୍ଲକର ୨୭ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାଙ୍ଗକୁ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଶିଶୁ ବିକାଶ ପ୍ରକଳ୍ପ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିକାର୍ଯ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ ଶିଳ୍ପ ବିକାଶ ସାଙ୍ଗକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିସନ ଓ ପଞ୍ଚମ ରାଜ୍ୟ ଅର୍ଥ କମିସନ ଅନୁଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଅନିମା ପରିଡା, ସୌଦାମିନୀ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ପ୍ରତିନିଧି ସାମିଲ ଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୩ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୮।୧୧(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶୁକ୍ରବାର ବନ୍ଥପଲ୍ଲୀ ଗ୍ରାମ ମଠ ସାହିର କୁରୁପତି ଭୂୟାଁ ଓରଫ କୁରୁ, ଚାଞ୍ଚଡାପଲ୍ଲୀ ଗ୍ରାମର ତୋଫାନ ଗୌଡ଼, ବରପଲ୍ଲୀର ସଂଗ୍ରାମ କେଶରୀ ଭୂୟାଁଙ୍କୁ ଥାନା ମାମଲା ନଂ.୩୯୧/୨୨ଅନୁଯାୟୀ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୩ ବୋମା, ୨ ଛୁରି, ଗୋଟିଏ ଖଣ୍ଡା, ୩ ମୁଖା, ୩ ଟି ଖାଲି ମଦ ବୋତଲ ଏବଂ ଟର୍ଚ୍ଚ ଲାଇଟ୍ ଜବତ କରିଛି। ଦିଗପହଣ୍ଡି – ଘୋଡାହାଡ଼ ଡ୍ୟାମ ରାସ୍ତା କଇଠଖଣ୍ଡି ଗ୍ରାମ ନିକଟ ଯାତ୍ରୀ ବିଶ୍ରାମାଗାର ପାର୍ଶ୍ୱରେ ଗୁରୁବାର ରାତି ପ୍ରାୟ ୨ ଟାରେ ଅଭିଯୁକ୍ତମାନେ ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ମୋଟରକୁ ଅଟକାଇ ଡକାୟତି ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଆଇଆଇସି ଦିପ୍ତୀରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଗୌତମ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଯାତ୍ରୀ ବିଶ୍ରାମାଗାର ନିକଟରେ ଘେରି ଯାଇଥିଲେ। ସେଠାରେ ୫ ଯୁବକ ମଦ୍ୟପାନ କରୁଥିଲେ। ସେମାନଙ୍କ ହାତରେ ମାରଣାସ୍ତ୍ର ଥିଲା। ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି ୩ ଜଣଙ୍କୁ କାବୁ କରିବା ଥିବା ବେଳେ ୨ ଫେରାର୍ ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କୁ ଠାରୁ ଫେରାର୍ ୨ଜଣଙ୍କ ପରିଚୟ ମିଳିପାରିଛି। ସେମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ବଳଭଦ୍ର ଗଣ୍ଡ କହିଛନ୍ତି।

# ୨୧ରୁ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଆସନ୍ତା ୨୧ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ। ଏ ସମ୍ପର୍କରେ ଗୁରୁବାର ମୋହନା ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବ୍ଲକ ସମ୍ପାଦିକା ଅଞ୍ଜଳି ନାୟକ। ବିଶେଷକରି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଦରମା ବୃଦ୍ଧି, ମିନି ଅଙ୍ଗନୱାଡିଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା, ପୋଷଣ ଟ୍ରାକର, ସୋପାନ ଯୋଜନାରେ ହେଉଥିବା ବିଭିନ୍ନ ସମସ୍ୟା, ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ପଦୋନ୍ନତି ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବହୁ ବର୍ଷ ହେଲା ସେମାନଙ୍କ ଦାବି ନେଇ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମଚାରୀ ଆସୋସିଏଶନର ଆହ୍ୱାନକ୍ରମେ ଭାରତୀୟ ମଜଦୁର ସଂଘର ସହଯୋଗରେ ଆସନ୍ତା ୨୧ରେ ଓଡ଼ିଶାର ସମସ୍ତ ଅଙ୍ଗନୱାଡି କର୍ମଚାରୀ ଭୁବନେଶ୍ୱରରେ ବିଧାନସଭା ଆଗରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତି ଆଇସିଡିଏସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ଅଙ୍ଗନୱାଡି କର୍ମୀ ଓ ସହାୟିକା। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ସଭାନେତ୍ରୀ ପବିତ୍ରା ନାୟକ, ଉପ ସଭାନେତ୍ରୀ ଭାରତୀ ନାୟକ, କୋଷାଧ୍ୟକ୍ଷା ଅମିତା ନାୟକ, ସଦସ୍ୟା ସଂଯୁକ୍ତା ବିଷୋୟୀ, ଅମ୍ବିକା ଦେବୀ ଦଳାଇ, ଭାରତୀ ନାୟକ ଓ ଚିନ୍ତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅଙ୍ଗନୱାଡି କର୍ମୀ।

# ଭଞ୍ଜନଗର ଓକିଲ ସଂଘର ରାସ୍ତାରୋକୋ

## ଆକ୍ରମଣକାରୀଙ୍କ ବିରୋଧରେ କୋହଳ ଦଫା ଅଭିଯୋଗ

**ଭଞ୍ଜନଗର,୧୮।୧୧(ଡି.ଏନ.ଏ)**

ଭଞ୍ଜନଗର ବାର୍ ଆସୋସିଏଶନର ବରିଷ୍ଠ ସଭ୍ୟା ଅଭାଙ୍ଗିନୀ ବିଷୋୟୀ, ତାଙ୍କ ଭାଉଜ ଓ ଭାଇଙ୍କ ସମେତ ଅବସରପ୍ରାପ୍ତ ଏସ୍ଆଇ ଏବଂ ଜଣେ ଯୁବକଙ୍କୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଏତଲା ପ୍ରକାରେ ଦଫା ଲଗାଯାଇନାହିଁ। ପୋଲିସ କୋହଳ ଦଫା ଲଗାଇ ସେମାନଙ୍କୁ ଖସାଇଦେବା ଯୋଜନା କରୁଛି। ଏହା ପ୍ରତିବାଦରେ ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଶୁକ୍ରବାର ଅପରାହ୍ନ ୩ଟାରୁ ଭଞ୍ଜନଗର କୋର୍ଟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ଦଫା ଲଗାଇବା ପାଇଁ ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଦାବି କରିଛନ୍ତି। ଆନ୍ଦୋଳନରେ ବାର ଆସୋସିଏଶନ ସଭାପତିଙ୍କ ସମେତ ଉପ ସଭାପତି ଧୀରେନ ସ୍ୱାଇଁ, ସମ୍ପାଦକ ଅମରେଶ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ, ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ର, ବାମପନ୍ଥୀ ନେତା ହରେକୃଷ୍ଣ ସାହୁ ପ୍ରମୁଖ ସାମିଲ ଥିଲେ।

ବୁଧବାର ରାତିରେ ସ୍ଥାନୀୟ କଳିଙ୍ଗନଗର ବାସିନ୍ଦା ଅଜିତ ସେଠୀ ନାହାଡୋଟାସାହି ରାସ୍ତାରେ ଯାଉଥିବା ବେଳେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଅଜିତ ଆଇନଜୀବୀ ଅଭାଙ୍ଗିନୀଙ୍କ ଘରେ ପଶିଯାଇଥିଲେ। ପରେ ଅଜିତ ଥାନାରେ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭାଙ୍ଗିନିଙ୍କ କଥାରେ ସେ ଏତଲା ଦେଇଥିବା ସନ୍ଦେହ କରି ଅଭିଯୁକ୍ତମାନେ ଫେରି ଆସି ଅଭାଙ୍ଗିନୀଙ୍କ ଘରେ ଭଙ୍ଗାରୁଜା କରିବା ସହ ତାଙ୍କୁ ଏବଂ ତାଙ୍କ ଭାଉଜ, ଭାଇଙ୍କୁ ଆକ୍ରମଣ କରିଥିଲେ। ନିକଟରେ ରହୁଥିବା ଅବସରପ୍ରାପ୍ତ ଏସ୍ଆଇ ରାଜେନ୍ଦ୍ର ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ପୋଲିସ ଏହି ମାମଲାରେ ୫ ଯୁବକଙ୍କୁ ଥାନାକୁ ଆଣି ପଚରାଉଚାର କରୁଛି।



ଆଇନଜୀବୀମାନେ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ୩୪ ୟୁନିଟ୍ ରକ୍ତ ସଂଗ୍ରହ

ଧରାକୋଟ,୧୮।୧୧(ଡି.ଏନ୍.ଏ.): ସତ୍ୟସାଇ ବାବାଙ୍କ ୯୭ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଧରାକୋଟ ସତ୍ୟସାଇ ସେବା ଗ୍ରୁପ ତରଫରୁ ସାଇ ମନ୍ଦିର ପରିସରରେ ପ୍ରେମ ସଞ୍ଜୀବନୀ ବା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଏମ୍‌ଭିକେ ଅଶୋକ ଏହି ଶିବିରର ଶୁଭାରମ୍ଭ କରିଥିବା ବେଳେ ଶିକ୍ଷାବିତ ଡ. ବିମଳ ପ୍ରସାଦ ପଟ୍ଟନାୟକ ଓ ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରମୁଖ ରକ୍ତଦାତାଙ୍କ ମଧ୍ୟରେ ଭାସ୍କର ବାଡତ୍ୟା, ଗଗନ ବିହାରୀ ସ୍ୱାଇଁ, ଭଗବାନ ପାଣିଗ୍ରାହୀ, ରାମଚନ୍ଦ୍ର ସେଠୀ, ସୀତାକାନ୍ତ ପଣ୍ଡା, ବିଷ୍ଣୁପ୍ରିୟା ପଣ୍ଡା, ସଂଯୁକ୍ତା ପଟ୍ଟନାୟକ ରକ୍ତଦାନ କରିଥିଲେ। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କ ତରଫରୁ ଧରାକୋଟ ସତ୍ୟସାଇ ସେବା ଗ୍ରୁପକୁ ଉତ୍ତମ ସହଯୋଗ ପାଇଁ ଟ୍ରଫି ପ୍ରଦାନ କରାଯାଇଥିଲା।

### ଡ୍ରାଇଭର ମହାସଂଘର ଦାବିପତ୍ର ପ୍ରଦାନ

ରାମଗିରି,୧୮।୧୧(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଓଡ଼ିଶା ଡ୍ରାଇଭର ମହାସଂଘର ରାମଗିରି ଶାଖା ତରଫରୁ ସଂଘ ସଭାପତି ଚନ୍ଦ୍ରଶେଖର ଚୌଧୁରୀଙ୍କ ନେତୃତ୍ୱରେ ବ୍ରହ୍ମପୁର ଲୋକସଭା ସାଂସଦ ଚନ୍ଦ୍ରଶେଖର ସାହୁଙ୍କୁ ସଂଘ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଚୌଧୁରୀଙ୍କ କହିବା ପ୍ରକାରେ ରାମଗିରି ପଞ୍ଚାୟତ ଉପରେ ଆମ ଅଞ୍ଚଳର ୭ ପଞ୍ଚାୟତ ସେମାନଙ୍କର ଦୈନନ୍ଦିନ କାମ ନେଇ ନିର୍ଭର କରିଥାନ୍ତି। ରାତି ଅଧରେ କୌଣସି ଗର୍ଭବତୀ କିମ୍ବା ରୋଗୀମାନେ ଡାକ୍ତରଖାନାକୁ ଆସିଲେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏମ୍‌ପି କହିଥିଲେ ଜାଗା ଚିହ୍ନଟ କରି ମୋତେ ଜଣାଇଲେ ମୁଁ ଏମ୍‌ପି ପାଣ୍ଠିରୁ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବି। ଏହି ଅବସରରେ ନାଏବ ସରପଞ୍ଚ ରାଜେନ୍ଦ୍ର ମାଝି, ସମ୍ପାଦକ ଭବାନି ଶଙ୍କର ବଡ଼ଦଳାଇ, ରମେଶ ରଣବିର, ଅଜିତ କୁମାର ଗୌଡ଼, ବାବୁଲା କାର୍ଯୀ, ତାରିଣୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗଙ୍କ ସହ ପାଳିଲେ ପ୍ରଥମ ବିବାହ ବାର୍ଷିକୀ

ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.): ମୋହନା ପଞ୍ଚାୟତ ଅନ୍ତର୍ଗତ ବେତାରସିଂ ଗ୍ରାମ ନିବାସୀ ରଜନୀକାନ୍ତ ବୀର ଓ ତାଙ୍କ ସ୍ତ୍ରୀ ସସ୍ମିତା ଲିମା ତାଙ୍କର ଏକବର୍ଷ ବିବାହ ବାର୍ଷିକୀ ମୋହନାଠାରେ ଥିବା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଖୁବ ଆଡମ୍ବର ସହକାରେ ପାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଜନୀକାନ୍ତଙ୍କ ସମସ୍ତ ପରିବାର ଓ କିଛି ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବୀର ବିଦ୍ୟାଳୟରେ ଥିବା ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ। ପରିଶେଷରେ ସମସ୍ତ ଛାତ୍ରୀଛାତ୍ର ଓ ସେବକ ସେବିକାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ପରିଚାଳନା କମିଟି ଓ କର୍ମଚାରୀ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦଣ୍ଡାସୀ ସାହୁ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ପ୍ରଭାବିତ

ଜି.ଉଦୟଗିରି,୧୮।୧୧(ଡି. ଏନ.ଏ.): ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖପାଖ ଗାଁର ୫୦ ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ଏଠାରେ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବା କାରଣରୁ ଲୋକମାନେ ଉଚିତ ସ୍ୱାସ୍ଥ୍ୟ ସେବା ନ ପାଇ ଫୁଲବାଣୀ, ବ୍ରହ୍ମପୁର, ଭୁବନେଶ୍ୱର ଦୌଡୁଛନ୍ତି। ଶୁକ୍ରବାର ଜଣେ ମହିଳାଙ୍କ ପ୍ରସୂତି କାଳୀନ ଚିକିତ୍ସା ବେଳେ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କାମିନୀ ବେହେରାଙ୍କ ପ୍ରସବ ଯନ୍ତ୍ରଣାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବା ସହିତ ବାରମ୍ବାର ଫୁଲବାଣୀ ସ୍ଥାନାନ୍ତର କରିବା ଏବଂ ଶେଷରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମିତ ଶିଶୁ ସହିତ ମାର ମୃତ୍ୟୁ ଲୋକମାନଙ୍କ ଭରସା ତୁଟେଇ ଦେଇଛି। ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନଥିବା ବିଶେଷ କରି ଶିଶୁ ବିଭାଗ ସହିତ ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବ୍ଲକ କାର୍ଯ୍ୟାଳୟରେ ଧସେଇ ପଶିଲେ ଭାଜପା କର୍ମୀ

## ଭଞ୍ଜନଗରରେ ଭତ୍ତା ରାଜନୀତି ଜୋର ଧରିଲା

ଭଞ୍ଜନଗର,୧୮।୧୧(ଡି.ଏନ.ଏ)

ଭଞ୍ଜନଗର ବ୍ଲକରେ ଭତ୍ତା ରାଜନୀତି ଜୋର ଧରିଛି। ଶାସକ ଦଳର ସମର୍ଥକମାନଙ୍କୁ ଭତ୍ତା ପ୍ରଦାନ ପାଇଁ ଚୟନ କରାଯାଉଛି। ଭାଜପା ସମର୍ଥିତ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ରହିଛନ୍ତି। ଶାସକଦଳ ଚାପରେ ଭାଜପା ସମର୍ଥିତ ପଞ୍ଚାୟତଗୁଡ଼ିକରେ ଉନ୍ନୟନ କାର୍ଯ୍ୟ କରାଇ ଦିଆଯାଉନାହିଁ। ଏପରିକି ଭାଜପା ସମର୍ଥକଙ୍କୁ ପକ୍କା ଘର, ରାଶନ କାର୍ଡ଼ ଆଦି ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ଭାଜପା ନେତା ଓ କର୍ମୀମାନେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ହୋହଲ୍ଲା କରିଥିଲେ। ପରେ କାର୍ଯ୍ୟାଳୟରେ ଧସେଇ ପଶି ବିଡ଼ିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ ସଭା କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଧମକ ଦେଇଥିଲେ। ଏହାପରେ ବ୍ଲକ ପରିସରରେ ହିଁ



ଭାଜପା ସମର୍ଥକମାନେ ବ୍ଲକରେ ରୋଷେଇ କରୁଛନ୍ତି।।

ଆନ୍ଦୋଳନକାରୀ ଭାଜପା ନେତା ଓ କର୍ମୀମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଖାଇଥିଲେ। ପ୍ରାୟ ୫ଘଣ୍ଟା ଧରି ବ୍ଲକ ପରିସରରେ ଏଭଳି ସ୍ଥିତି ଲାଗି ରହିଥିବା ବେଳେ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲା। ବ୍ଲକର ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଏହି ସମୟରେ କେଉଁଆଡ଼େ ଉଭାନ ହୋଇଯାଇଥିଲେ। ପରିସ୍ଥିତି ଅଣାୟତ ଆଡ଼କୁ ଗତି କରୁଥିବା ବେଳେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ପହଞ୍ଚି ଉତ୍ୟକ୍ତ ଭାଜପା ନେତାଙ୍କୁ ଆନ୍ଦୋଳନରୁ ଓହରି ଯିବା କହିଥିଲେ। ମାସକ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ବିନାୟକ ତ୍ରିପାଠୀ, ନୀଳମାଧବ ପାତ୍ର, ଅଯୋଧ୍ୟାନାଥ ମହାପାତ୍ର, ମାନସ ଜେନା, ରବିନ୍ଦ୍ର ଗୌଡ଼ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ବ୍ଲକରେ ଏଭଳି ଅଭାବନୀୟ ସ୍ଥିତି ଉପୁଜିବ ବୋଲି ପୋଲିସ ପ୍ରଶାସନ ପାଖରେ ଆଗୁଆ ସୂଚନା ନଥିଲା। ଯେଉଁଥିପାଇଁ ପୋଲିସ ପଦକ୍ଷେପ ନେବାରେ ବିଫଳ ହୋଇଥିଲା। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଶଙ୍କାରେ ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନି, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ଧିରେଶ ଦାସଙ୍କ ସମେତ ଉପଖଣ୍ଡର ଅନେକ ଅଧିକାରୀ ବ୍ଲକରେ ଉପସ୍ଥିତ ଥିଲେ। ଅପରପକ୍ଷେ ଶନିବାର ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ନୂତନ ଭାବେ ଚିହ୍ନଟ ହୋଇଥିବା ୫ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା କାଗଜପତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତିରେ ମାତିଛି। କାର୍ଯ୍ୟକ୍ରମରେ ଯେଭଳି କୈଣସି ପରିସ୍ଥିତିରେ ବିଶୃଙ୍ଖଳା ନହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଭାଜପା ନେତା ପ୍ରଦ୍ୟୁମ୍ନ କହିଛନ୍ତି, ଭତ୍ତାକୁ ନେଇ ଆଗାମୀ ଦିନରେ ଯେଉଁ ପରସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ ଦାୟୀ ରହିବ। ଅପରପକ୍ଷେ ବିଜେଡ଼ିର ଜଣେ ନେତା କହିଛନ୍ତ, ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଅନ୍ୟାନ୍ୟ ଯୋଜନା ମଧ୍ୟ ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ ହେଉଛି। ବିରୋଧ କରିବା ବିରୋଧି ଦଳର କାମ।

## ଆମ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ

ଆସିକା,୧୮।୧୧(ଡି.ଏନ.ଏ.): ଆସିକା ବଜାର ସାହିସ୍ଥିତ ଓମ କଲ୍ୟାଣ ମଣ୍ଡପଠାରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆସିକା ଅଞ୍ଚଳରେ ସଂଗଠନକୁ ଜାହିର କରିବା ଲକ୍ଷ୍ୟରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମୋହନ ରାଓ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଭାପତି ସୁବାସ ଚନ୍ଦ୍ର ରାଉତ, ଜିଲା ସମ୍ପାଦକ ଆଦିତ୍ୟ ରଥ, ଉପସଭାପତି ସୁଧୀର ପ୍ରଧାନ, ସୁବାସ ପଶୁପାଳକ, ଜିଲା ମହିଳା ସଭାନେତ୍ରୀ ନବସ୍ମିତା ପ୍ରଧାନ, ସମ୍ପାଦିକା ଆରତୀ ଜେନା, ଲୋକସଭା ନିର୍ବାଚନ ମଣ୍ଡଳି ଆବାହକ ମିଟୁ ସାବତ ପ୍ରମୁଖ ଯୋଗଦେଇଥିଲେ। ଆମ ଆଦମୀ ପାର୍ଟିର ଜାତୀୟ ନେତା ଅରବିନ୍ଦ କେଜରିୱାଲଙ୍କ ଘୋଷଣା ମୁତାବକ ଜନସାଧାରଣଙ୍କୁ ନିଶୁଳ୍କ ବିଜୁଳି, ପାନୀୟ ଜଳ, ଉନ୍ନତ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ଶିକ୍ଷା ଓ ରୋଜଗାର ପ୍ରଦାନ ସାଙ୍ଗକୁ ଭ୍ରାଷ୍ଟାଚାର ମୁକ୍ତ ଶାସନ ପ୍ରତିଷ୍ଠା ପାଇଁ ଜନସାଧାରଣ ଆମ ଆଦମୀ ପାର୍ଟିରେ ଯୋଗଦେବା ଲାଗି ନିବେଦନ କରିଥିଲେ। ଆସିକା ଅଞ୍ଚଳରେ ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ମୋହନରାଓ ଆଚାରୀଙ୍କୁ ଦଳର ସଭାପତି ରୂପେ ନିର୍ବାଚିତ କରାଯାଇଛି ।

# ପଞ୍ଚାୟତ ସମିତି ବୈଠକ ବାତିଲକୁ ନେଇ ଅସନ୍ତୋଷ

## ଗଣତନ୍ତ୍ରକୁ ହତ୍ୟା କରାଯାଉଥିବା ଅଭିଯୋଗ

ପୁରୁଷୋତ୍ତମପୁର, ୧୮।୧୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ ଲାଗି ଶୁକ୍ରବାର ଧାର୍ଯ୍ୟ କରାଯାଇଥିବା ବେଳେ ତାହାକୁ ରାତିଅଧିଆ ବାତିଲ କରିଦିଆଯିବାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ତିବ୍ରତର ହୋଇପଡିଛି। ଏହାକୁ ନେଇ ପ୍ରତିବାଦର ସ୍ୱରଉତ୍ତୋଳନ କରିଛନ୍ତି ସରପଞ୍ଚ ଓ ସମିତି ସଭ୍ୟମାନେ। ସୂଚନାଯୋଗ୍ୟ, ବ୍ଲକ ପ୍ରଶାସନ ପକ୍ଷରୁ ସମିତି ବୈଠକ ଲାଗି ଗତ ମାସ ୨୯ ତାରିଖରେ ଦିଆଯାଇଥିବା ଚିଠି ପ୍ରକାରେ ଧାର୍ଯ୍ୟ କରାଯାଇଥିବା ୧୧ଟାରେ ବୈଠକରେ ଯୋଗଦେଇ ନିଜ ନିଜର ପଞ୍ଚାୟତର ମୌଳିକ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟ ଲାଗି ପ୍ରସ୍ତୁତ ହୋଇ ପ୍ରସ୍ତାବ ନେଇ ଆସିଥିଲେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ। ସେମାନେ ବୈଠକରେ ଯୋଗଦେବା ଲାଗି ସମ୍ମିଳନୀ କକ୍ଷକୁ ଯିବାବେଳେ ଗେଟରେ ଚାବି ପଡିରହିଥିବାର ଦେଖିବାକୁ ପାଇ ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ ଓ ବୈଠକ ବାତିଲ ହୋଇଯାଇଥିବାର ଜାଣିବାକୁ ପାଇଥିଲେ। ଏ ନେଇ ଜନପ୍ରତିନିଧି ମାନଙ୍କ ମଧ୍ୟରେ ତିବ୍ର



ବିଡିଓଙ୍କ ପ୍ରକୋଷ୍ଠ ଆଗରେ ଜନପ୍ରତିନିଧିମାନେ।

ଅସନ୍ତୋଷ ଦେଖାଦେଇଥିଲା। ଏହାର ପ୍ରତିବାଦକରି ବୈଠକ ଲାଗି ଆସିଥିବା ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନେ ବିଡିଓ ବିଜୟ କୁମାର ବେହେରାଙ୍କଠାରେ ଫେରାଦ ହୋଇ ଆଗରୁ ସୂଚନା ନ ଦେଇ କେଉଁ କାରଣରୁ ରାତି ଅଧିଆ ବାତିଲ କରିଦିଆଗଲା ବୋଲି କୈଫତ ମାଗିଥିଲେ ଓ ଏଭଳି ବୈଠକ ବାରମ୍ବାର ବନ୍ଦ କରିବା ଗଣତନ୍ତ୍ରକୁ ହତ୍ୟା କରିବା ଘଟଣା ସଦୃଶ ବୋଲି କହି ଅଭିଯୋଗ କରିଥିଲେ। ବୈଠକ ବାରମ୍ବାର ବନ୍ଦ କରାଯାଉଥିବା ହେତୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ବିକାଶ ଧାରା ସମ୍ପୂର୍ଣ୍ଣ ରୁପେ ଠପ ହୋଇ ପଡିଥିବାର ଅଭିଯୋଗ କରି ତୁରନ୍ତ ବୈଠକ ଡାକିବା ଲାଗି ଏକ ସ୍ମାରକପତ୍ର ଜିଲାପାଳ ଓ ଗଞ୍ଜାମ ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏପରିକି ପୂର୍ବରୁ ଏଭଳି ଗତ ସେପ୍ଟେମ୍ବର ୩୦ ତାରିଖରେ ବୈଠକ ଡାକି ତାହାକୁ ମଧ ବାତିଲ୍ କରିଦେଇଥିଲେ। ଶେଷ ବୈଠକ ଏପ୍ରିଲ ମାସ ୪ ତାରିଖରେ ହୋଇଥିବା ବେଳେ ଦୀର୍ଘ ୭ ମାସ ବିତିଥିଲେ ସୁଦ୍ଧା ବୈଠକ କରାଯାଉନଥିବା ଏକ ପ୍ରକାରର ସନ୍ଦେହ ଘେରକୁ ଆସିଛି। ଏ ନେଇ ବିଡିଓ ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଧ୍ୟକ୍ଷା ପିଙ୍କି ବେହେରା ବୈଠକ ବାତିଲ କରିବାଲାଗି ନିର୍ଦ୍ଦେଶ ଦେଲେ। ସେହି କାରଣରୁ ବୈଠକକୁ ବାତିଲ କରିଦିଆଗଲା। ଏଥିନେଇ ରାତିରେ ସଂଗେ ସଂଗେ ଗୃପ ମାଧମରେ ମେସେଜ ଦିଆଯାଇଥିବାର କହିଛନ୍ତି।

## ୩ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କଲେ ଥାନାଧିକାରୀ

ଗୋପାଳପୁର,୧୮।୧୧(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନାକ ଟିମ ପରିଦର୍ଶନକୁ ନଜରରେ ରଖି କୌଣସି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ଶୁକ୍ରବାର ଅପରାହ୍ନରେ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ଏବଂ ସ୍ଥାନୀୟ ୩ ପଞ୍ଚାୟତର ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରିବାକୁ ନେଇ ସ୍ଥାନୀୟ ଲୋକଙ୍କୁ ଅସୁବିଧା ହେଉଛି। ତାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିବା ସହ ୩ ପଞ୍ଚାୟତର ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେଣୁ ଆଗାମୀ ଦିନରେ ନାକ ଟିମ ଗସ୍ତ ରହିଥିବାରୁ ୩ ପଞ୍ଚାୟତର ଗ୍ରାମବାସୀ କୌଣସି ବିଶୃଙ୍ଖଳା ନ କରିବା ସହ ଫାଟକ ବନ୍ଦକୁ ନେଇ ଆଲୋଚନା ହୋଇଥିଲା। ନାକ ଟିମ ଗସ୍ତ ପରେ ଜିଲା ପ୍ରଶାସନ, ବ୍ରହ୍ମପୁର ଏସପି ଓ କୁଳପତିଙ୍କ ସହ ଆଲୋଚନା କରି ରହିଥିବା ସମସ୍ୟା କିପରି ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ ଥାନାଧିକାରୀଙ୍କ ସମେତ ଭଞ୍ଜ ବିହାର ଫାଣ୍ଡି ଅଧିକାରୀ ଏସ.ଶଙ୍କର ରାଓ, ନାରାୟଣପୁର ସରପଞ୍ଚ ପ୍ରତିନିଧି ଶ୍ୟାମ ସୁନ୍ଦର ସାହୁ, କରାପଲ୍ଲୀ ସରପଞ୍ଚଙ୍କ ପ୍ରତିନିଧି ତଥା ବିଜେଡି ନେତା ଏସ୍. ଧର୍ମରାଜ ରେଡ୍ଡୀ, ଏସ. ରାମାରାଓ, ରଙ୍ଗେଇଲୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାଲ୍କୁଡ, ଆଇନଜୀବୀ ସତ୍ୟ ନାରାୟଣ ପଣ୍ଡା, ରାମହରୀ ଦାସ, ଲଛମନ ରେଡ୍ଡୀ, ନାଏବ ସରପଞ୍ଚ ରାମ ଦାସ, ଏସ. ଚେନେୟା ରେଡ୍ଡୀ, ସୁବାସ ସାହୁ, ଶରତ ବିଷୋୟି, ମୋହନ ରାଓ, ଭୀମା ରେଡି, ଜି କୁର୍ମା, ରମେଶ ଚନ୍ଦ୍ର ବିଷୋୟୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଛତ୍ରପୁର ବ୍ଲକ୍ ପୂର୍ବତନ କିରାଣିଙ୍କୁ ଜେଲ

### ସରକାରୀ ଅର୍ଥ ହେରଫେର ମାମଲା

ବ୍ରହ୍ମପୁରଅଫିସ,୧୮।୧୧

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡା. ଅରୁଣ କୁମାର ସାହୁ ଶୁକ୍ରବାର ଏକ ସରକାରୀ ଅର୍ଥ ହେରଫେର୍ ମାମଲାର ଶୁଣାଣି କରିଥିଲେ। ଆବଶ୍ୟକ ପ୍ରମାଣକୁ ଭିତ୍ତି କରି ଛତ୍ରପୁର ବ୍ଲକ୍ ଅଫିସର ପୂର୍ବତନ କନିଷ୍ଠ କିରାଣି ତଥା ଷ୍ଟୋର୍ ଇନଚାର୍ଜଙ୍କୁ ସେ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦିଲୀପ କୁମାର ଗୌଡ଼। ସେ ଅବସର ଗ୍ରହଣ କରି ସାରିଲେଣି। ଏନେଇ ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

୨୦୦୯ରୁ ୨୦୧୧ ମଧ୍ୟରେ ବ୍ଲକକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନୁଦାନ ଆସିଥିଲା। ୩ଲକ୍ଷ ୮୩ ହଜାର ୩୩୦ ଟଙ୍କାର ସିମେଣ୍ଟ ଓ ୨ଲକ୍ଷ ୬୪ ହଜାର ୨୫୨ ଟଙ୍କାର ଲୁହାଛଡ଼ ପାଇଁ ଆସିଥିବା ସରକାରୀ ଅର୍ଥ ହେରଫେର୍ ନେଇ ପୂର୍ବତନ କିରାଣି ଦିଲୀପଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ୨୪/୧୩ ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଭିଜିଲାନ୍ସ ବିଭାଗର ତତ୍କାଳୀନ ଇନ୍ସପେକ୍ଟର୍ ସ୍ମିତା ମଞ୍ଜରୀ ମଲ୍ଲିକ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଏହି ମାମଲାର ବିଚାର ବେଳେ ୧୬ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା। ଆବଶ୍ୟକ ପ୍ରମାଣ ଥିବାରୁ କୋର୍ଟ ଅଭିଯୁକ୍ତ ପୂର୍ବତନ କିରାଣିଙ୍କୁ ଦଣ୍ଡିତ କରିଛନ୍ତି।

## ବେଆଇନ ବାଲି ଚାଲାଣ: ଟ୍ରାକ୍ଟର, ହାଇୱା ଜବତ

ଆସିକା,୧୮।୧୧(ଡି.ଏନ.ଏ)

ଆସିକା ଥାନା ଗବନଲାସ୍ଥିତ ବଡନଦୀ ବାଲିଘାଟରୁ ବେଆଇନ ବାଲି ଚାଲାଣ ବେଳେ ଗୁରୁବାର ରାତିରେ ପୋଲିସ ୩ଟି ବାଲି ବୋଝେଇ ଗାଡିକୁ ଜବତ କରିଛି। ଜବତ ଗାଡି ଭିତରେ ଦୁଇଟି ଟ୍ରାକ୍ଟର ଓ ଗୋଟିଏ ହାଇୱା ରହିଛି। ପୋଲିସ ପକ୍ଷରୁ ଏହି ଘଟଣାରେ ଆସିକା ଥାନାରେ ନଂ.୭୯୦, ୭୯୧ ଓ ୭୯୨/୨୨ରେ ୩ ପୃଥକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି।

## ଆପଦ ମିତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଏଡିଏମ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୧୮।୧୧(ଡି.ଏନ.ଏ)

ଜାତୀୟ ଓ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଆପଦ ମିତ୍ର କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ୨୯ ତାରିଖ ପର୍ଯ୍ୟନ୍ତ ତାଲିମ କାର୍ଯ୍ୟକ୍ରମ ଚାଲିବ। ଏହି ୧୨ ଦିନିଆ ଶିବିରକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟ ରଞ୍ଜନ ପୃଷ୍ଟି ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ବିପର୍ଯ୍ୟୟ ପରିଚାଳନାରେ ଆପଦ ମିତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ। ଆପଦ ମିତ୍ର ସ୍ୱେଚ୍ଛାସେବୀ ତାଲିମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାର ଏକ ମାଇଲଖୁଣ୍ଟ ହେବ ବୋଲି ଡେପୁଟି କଲେକ୍ଟର (ଜରୁରୀ କାଳୀନୀ) ସୁକାନ୍ତ ଚନ୍ଦ୍ର ମିଶ୍ର କହିଥିଲେ। ଓସଡାମା ର ଡିପିଓ ଅବନୀ କାନ୍ତ ଭୂୟାଁ, ଦକ୍ଷତା ବିକାଶର ପ୍ରୋଗ୍ରାମ ମ୍ୟାନେଜର ବାଣୀ ସୁକାନ୍ତ ପଟ୍ଟନାୟକ, ତାଲିମଦାତା ଭାବେ ଓଡ୍ରାଫ୍ ସିଭିଲ ଓ ଅଗ୍ନିଶମ ବିଭାଗ ତାଲିମ ପ୍ରଦାନ କରିବେ।

## ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ୭ ଦଫା ଦାବିପତ୍ର

ପୋଲସରା,୧୮।୧୧(ଡି.ଏନ.ଏ.)

ପୋଲସରା ବ୍ଲକ ଋଷିକୂଲ୍ୟା ରୟତ ମହାସଭା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଋଷିକୁଲ୍ୟା ରୟତ ମହାସଭା ସଭାପତି ସତ୍ୟବାନ ପ୍ରଧାନଙ୍କ ନେତୃତ୍ୱରେ ପୋଲସରା ଅଞ୍ଚଳର ବହୁ ଚାଷୀ ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କୁ ସାକ୍ଷାତକରି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କରିବାକୁ ନେଇ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ହେଉଛି, ପ୍ରତି ପଞ୍ଚାୟତରେ କ୍ୟାମ୍ପ୍ କୋର୍ଟକରି ଉତ୍ତରାଧିକାରୀ ପରିବର୍ତ୍ତନ କରାଯାଉ, ପାଲସରା, ବାଲିଘାଇ, ସିଦ୍ଧିପୁରୁ, କାଶୀନାଥପୁର, ପାଟିଗଡ, ଉସ୍ତାପଡା ଓ ବନ୍ଥପଲ୍ଲି ଗ୍ରାମ ନିକଟ ଡାବୁରିଆ ନାଳରେ ନିର୍ମିତ ଚାରୋଟି ଚେକ୍‌ଡ୍ୟାମ୍‌କୁ ୧ ମିଟର ଲେଖାଏ ଉଚ୍ଚ କରିବା ସହିତ ପଥର ପ୍ୟାକିଂ କରିବା, ପୋଲସରା ସହର ମଧ୍ୟରେ ଥିବା ୨୧ ଏକର ବିଶିଷ୍ଟ ଖଜୁରୀ ବନ୍ଧ ରିଜରଭୟର ପୁନରୁଦ୍ଧାର କରିବା, ବଡ ଘାଇର ଆନିକଟ, ଗୋରଡା ଘାଇ ଶଙ୍ଖର ତୁରନ୍ତ ମରାମତି କରିବା ଭଳି ୭ ଦଫା ଦାବି ଉପସ୍ଥାପନ କରି ଆପତ୍ତି ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଗତବର୍ଷ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିଗୁଡିକ ପୂରଣ ନ ହେଲେ ସଂଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ଜିଲା ସମ୍ପାଦକ ସୀମାଞ୍ଚଳ ନାହାକ, ହୀନ ସ୍ୱାଇଁ, ଦୁଃଖୀଶ୍ୟାମ ପ୍ରଧାନ ଓ ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଘୁମୁସର ଜିଲା ଦାବିରେ ଜୋରଦାର ହେବ ଆନ୍ଦୋଳନ

## ପୈତୃକ ଗ୍ରାମକୁ ଭୁଲିଗଲେ ମୁଖ୍ୟମନ୍ତ୍ରୀ, ତେଜିଲା ଅସନ୍ତୋଷ

ଭଞ୍ଜନଗର,୧୮।୧୧(ଡି.ଏନ.ଏ)

୧୯୯୩ରେ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ଜିଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି ଘୋଷଣା କରିଥିଲେ। ସେ ସମୟରେ କିନ୍ତୁ ଆଉ କିଛି ଅଞ୍ଚଳବାସୀ ସରକାରଙ୍କ ପାଖରେ ଜିଲା ପାଇଁ ଉପଯୁକ୍ତ ଦାବି ଉପସ୍ଥାପନ କରି ପାରି ନ ଥିଲେ। ସେଥିମଧ୍ୟରେ ଭଞ୍ଜନଗର ଉପଖଣ୍ଡବାସୀ ଘୁମୁସର ଜିଲା ପାଇଁ ଦାବି କରି ନିରାଶ ହୋଇଥିଲେ। କିନ୍ତୁ ଘୁମୁସରବାସୀ ଆଶା ନ ଛାଡ଼ି ଦୀର୍ଘ ୨୯ ବର୍ଷ ହେବ ମଝିରେ ମଝିରେ ଭଞ୍ଜନଗର ଉପଖଣ୍ଡର ୮ଟି ବ୍ଲକ ଓ ୫ଟି ଏନଏସିକୁ ନେଇ ଘୁମୁସର ଜିଲା ଘୋଷଣା ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ବିଜୁ ପଟ୍ଟନାୟକଙ୍କ ପୈତୃକ ବାସଭବନ ଭଞ୍ଜନଗର ସହରଠାରୁ ମାତ୍ର ୩ କି.ମି. ଦୂର ଘୁ.ନୂଆଗାଁରେ। ତାଙ୍କ ସମୟରେ ଘୁମୁସର ଜିଲା ଘୋଷଣା ହୋଇ ନ ଥିବା ବେଳେ ବର୍ତ୍ତମାନ ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୨ ବର୍ଷରୁ ଉର୍ଦ୍ଧ୍ୱ ଦିନ କ୍ଷମତାରେ ରହିବା ପରେ ବି ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। ଏପଟେ ବରଗଡ଼ ଜିଲା ପଦ୍ମପୁରବାସୀଙ୍କ ଦାବିକୁ ବିଚାରକୁ ନେଇଥିବାରୁ ଘୁମୁସରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶାସକ ଦଳ ପଦ୍ମପୁର ଉପନିର୍ବାଚନକୁ ଆଖିଆଗରେ ରଖି ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଚାପରେ ମୁଖ୍ୟମନ୍ତ୍ରୀ ଆସନ୍ତା ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ଜିଲା ମାନ୍ୟତା




ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ରାଜ୍ୟର ଅନ୍ୟ ଅଞ୍ଚଳରେ ସମାନ ଜିଲା ମାନ୍ୟତା ଦାବି ନେଇ ଆନ୍ଦୋଳନ ଜୋର ଧରିବାର ଆଶଙ୍କା ଦେଖାଦେଇଛି। ଏଥିରେ ଭଞ୍ଜନଗର ଅଞ୍ଚଳବାସୀ ମଧ୍ୟ ଘୁମୁସର ଜିଲା ଦାବି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଗୁରୁବାର ଭଞ୍ଜନଗର ବାର ଆସୋସିଏସନ କାର୍ଯ୍ୟକାରିଣୀ ବୈଠକରେ ଏଥିପାଇଁ ଆଲୋଚନା ହୋଇଛି। ଆଗାମୀ ଦିନରେ ଏନେଇ ବିଭିନ୍ନ ଅନୁଷ୍ଠାନକୁ ନେଇ ଆଲୋଚନା କରାଯିବା ପରେ ଆନ୍ଦୋଳନ କରାଯିବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ଏକ ବଡ ଉପଖଣ୍ଡ ହେଉଛି ଭଞ୍ଜନଗର। ଭୌଗଳିକ ଏବଂ ଲୋକସଂଖ୍ୟା ଦୃଷ୍ଟିରୁ କେତେକ ଜିଲା ଅପେକ୍ଷା ଭଞ୍ଜନଗର ଉପଖଣ୍ଡ ବଡ। ତଥାପି ଭଞ୍ଜନଗର ଉପଖଣ୍ଡକୁ ଜିଲା ଘୋଷଣା କରାଯାଉନାହିଁ। ଘୁମୁସର ଜିଲା ଘୋଷଣା ନେଇ ଅଧିକାଂଶ ପ୍ରକ୍ରିୟା ସରିଥିଲେ ମଧ୍ୟ ସରକାର ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରି ଆସୁଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ତେନ୍ତୁଲିଖୁଣ୍ଟି,୧୮।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଧୀନ ଅଞ୍ଚଳଗୁମ୍ମା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ୨ ଦିନିଆ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଗ୍ରାମଦେବୀଙ୍କ ମନ୍ଦିରରୁ କ୍ରୀଡ଼ା ମଶାଲ ବାହାରି ଖେଳ ପଡ଼ିଆରେ ପହଞ୍ଚି ଥିଲା। ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶ୍ରୀରଙ୍ଗା ଚରଣ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ ମୁଖ୍ୟ ଅତିଥି, ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମା ପୂଜାରୀ, ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ରନ୍ଧାରୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପିତାମ୍ବର ବିଷୋୟୀ, ସମ୍ପାଦକ କିଶୋର ନାୟକ ଓ କୋଷାଧକ୍ଷ ମଧୁସୂଦନ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ତମ କ୍ରୀଡା ପ୍ରଦର୍ଶନ ସହ ବିଦ୍ୟାଳୟର ଗୌରବ ବୃଦ୍ଧି କରିବା ପାଇଁ ଶିଶୁମାନଙ୍କୁ ଉପଦେଶ ଦେଇଥିଲେ। ମହେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ମଧରେ ୧୦୦, ୨୦୦, ୪୦୦ ଓ ୬୦୦ମିଟର ଦୌଡ଼, ଲମ୍ଫ ଡିଆଁ, ଉଚ୍ଚଡିଆଁ, ସଟ୍‌ଫୁଟ୍, ଡିସ୍‌କସ୍ ଥ୍ରୋ, ପୁଚି, ମ୍ୟୁଜିକ ଚେୟାର, ବସ୍ତା ଦୌଡ଼ ଓ ଆଳୁ ଚାମଚ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ମକୁନ୍ଦ ଜାନି, ଭାରତୀ ମାଝି, ଚନ୍ଦ୍ରଭାନୁ ଗୌଡ଼, ପ୍ରଶାନ୍ତ ବିଷୋୟୀ, ବନମାଳୀ ହରିଜନ, ମେନକା ମାଝି, ଦିନମଣୀ ହରିଜନ, ପାଉଡରି ବେହେରା, ଅଭିମନ୍ୟୁ ହରିଜନ, ଅରୁଣ ପଟ୍ଟନାୟକ, ଘାସିରାମ ହରିଜନ, ଭଗବାନ ନାୟକ କ୍ରୀଡ଼ା ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଡାବୁଗାଁ, ୧୮।୧୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂସାରୀ ଫାଣ୍ଡି ଅଧୀନ କାରାଗାଁ ପଲଟଗୁଡା ଛକ ନିକଟରେ ମୋଟରସାଇକେଲ ଓ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସିଂସାରୀ ଗ୍ରାମର ଡମ୍ବୁ ପାଇକ (୫୫)। ସୂଚନାନୁଯାୟୀ, କାମ ସାରି ଡମ୍ବୁ ବାଇକ୍‌ରେ ଘରକୁ ଫେରିବାବେଳେ ଧୋତ୍ରା- ସିଂସାରୀ ମୁଖ୍ୟ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଡମ୍ବୁ ରାସ୍ତା କଡକୁ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଡମ୍ବୁଙ୍କୁ ଉଦ୍ଧାର କରି ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ କହିଥିଲେ। ସ୍ଥାନାନ୍ତର ସମୟରେ ଅଧିକ ଗୁରୁତର ହେବାରୁ ଡମ୍ବୁଙ୍କୁ ବାଟରେ ପଡୁଥିବା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ଜଗମୋହନ ପାଇକ ଶୁକ୍ରବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରୀ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ହଲୱା ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନା କେସ ନଂ ୧୮୧/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ଡିସେମ୍ବର ୧୦ରୁ ମଣ୍ଡିରେ ଖରିଫ ଧାନ ସଂଗ୍ରହ

ନବରଙ୍ଗପୁର,୧୮।୧୧(ବି.ପ୍ର.)

ନବରଙ୍ଗପୁର ଜିଲାରେ ଆସନ୍ତା ଡିସେମ୍ବର ୧୦ତାରିଖରୁ ଧାନ ମଣ୍ଡିରେ ଅନ୍‌ଲାଇନରେ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ଠାରୁ ଧାନ କିଣା ଯିବ। ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଖରିଫ୍ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଜିଲାରେ ୫୯ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନେ ନିଜର ପସଲ ବିକ୍ରୀ କରିପାଇବେ। ଏଥିରେ ୧୩ ଲ୍ୟାମ୍ପସ, ୨୫ ଏସ୍‌ଏଚ୍‌ଜି, ୨ ପାଣି ପଞ୍ଚାୟତ ମିଶି ୨୦୨୨–୨୩ ବର୍ଷ ପାଇଁ ସରକାରଙ୍କ ଦ୍ୱାରା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୧୫ ଲକ୍ଷ କୁଇଣ୍ଟାଲ ଧାନ ପ୍ରାରମ୍ଭିକ ପର୍ଯ୍ୟାୟରେ ମଣ୍ଡି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଠାରୁ ସଂଗ୍ରହ କରିବେ ବୋଲି ଜଣାପଡିଛି। ମଣ୍ଡିରେ ଯୋଗ୍ୟ ଚାଷୀମାନେ ଧାନ ବିକ୍ରୀ କରିବାରେ ଯେପରି କୌଣସି ଅସୁବିଧା ନ ହୁଏ ସେ ଦିଗରେ ଧାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡି ରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଆବଶ୍ୟକ ଆନୁଷଙ୍ଗିକ ସମସ୍ତ ବ୍ୟବସ୍ଥା କରିବା ସହିତ କୌଣସି ଯୋଗ୍ୟ ଚାଷୀ ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି ସେଥି ପ୍ରତି ଧାନ ଦେବାକୁ ବିଧାୟକ, ଏମ୍‌ପିଙ୍କ ପ୍ରତିନିଧି, ସମ୍ପୃକ୍ତ

**୧୫ ଲକ୍ଷ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟ**

ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୁତାବକ ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ରହିଛି। ଏହି ବୈଠକରେ ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମନୋହର ରନ୍ଧାରୀ, ଝରିଗାଁ, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାଏକ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଆନ୍ୟା ଦାସ, ଉପଜିଲାପାଳ ପ୍ରଶାନ୍ତ ରାଉତ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, କୃଷକଙ୍କ ପ୍ରତିନିଧି ଖଡେଶ୍ୱର ଖାଡାଙ୍ଗା, ମିଲରସ୍ ଆସୋସିଏସନ୍ କର୍ମକର୍ତ୍ତା ଖଡେଶ୍ୱର ମହାନ୍ତି, ଯୋଗାଣ ବିଭାଗ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ, ଅଧିକାରୀ, ଲୋକ ପ୍ରତିନିଧିମାନେ ।

# ବ୍ୟାଙ୍କରେ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ

ଆର.ଉଦୟଗିରି, ୧୮।୧୧(ଡି.ଏନ.ଏ.)

ମୋହନା ଷ୍ଟେଟ ବ୍ୟାଙ୍କରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବ୍ୟାଙ୍କ ସମୂହ ସଂଯୋଜକ ମହେଶ୍ୱର ମଣ୍ଡଳ ଯୋଗଦେଇ ବ୍ୟାଙ୍କଗୁଡ଼ିକରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ କହିଥିଲେ। ବର୍ତ୍ତମାନ ହିତାଧିକାରୀମାନେ ବିଭିନ୍ନ ଠକାମିର ଶିକାର ହେଉଛନ୍ତି। ତେଣୁ ହିତାଧିକାରୀମାନେ ନିଜ ସମସ୍ୟା ଉପରେ ପ୍ରଥମେ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇବେ। ଯଦି ବ୍ୟାଙ୍କ ପକ୍ଷରୁ ସମାଧାନ ନ ହୁଏ ୩୦ ଦିନ ପରେ ରିଜର୍ଭ ବ୍ୟାଙ୍କ ଲୋକପାଳଙ୍କୁ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡିଆଇସି ମ୍ୟାନେଜର ସୁନାରାମ ସିଂ, ପିଏନବି ମ୍ୟାନେଜର ଭାଗୀରଥି ସ୍ୱପ୍ନା ଓ ମୋହନା ଷ୍ଟେଟ ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ମନୋରଞ୍ଜନ ପୃଷ୍ଟିଙ୍କ ସମେତ ବହୁ ଅଧିକାରୀ ଓ ହିତାଧିକାରୀ ଯୋଗ ଦେଇଥିଲେ।

# ମିଳୁନି ତେଲୁଗୁ ମାଧ୍ୟମରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବହି

କାଶୀନଗର,୧୭।୧୧

ଉପାନ୍ତ ଅଞ୍ଚଳରେ ଅବସ୍ଥିତ କାଶୀନଗର ବ୍ଲକ ଓ ଏନ୍‌ଏସିର କେତେକ ଛାତ୍ରୀଛାତ୍ରଙ୍କ ମାତୃଭାଷା ତେଲୁଗୁ ହୋଇଥିବାରୁ ସେମାନେ ତେଲୁଗୁ ମାଧ୍ୟମରେ ପ୍ରାଥମିକ ଶିକ୍ଷା ପାଇଥାନ୍ତି। ଏଥିପାଇଁ ପ୍ରତି ଶିକ୍ଷା ବର୍ଷ ଆରମ୍ଭରେ ସେମାନଙ୍କୁ ଓଡ଼ିଆ ସିଲାବସ ଅନୁଯାୟୀ ତେଲୁଗୁ ଲିପିରେ ଲିଖିତ ପୁସ୍ତକ ଓଡିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି ଜରିଆରେ ଯୋଗାଇ ଦିଆଯାଇଥାଏ। ଚଳିତ ଶିକ୍ଷା ବର୍ଷରେ ଏଥିରେ ବେତିକ୍ରମ ଘଟିଛି। ପ୍ରାପ୍ତ ସୂଚନା ମୁତାବକ, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଗତ ଜୁଲାଇ ୬ରେ ପତ୍ରାଙ୍କ ୭୧୫୪ ଅନ୍ୟ କେତେକ ଜିଲା ସମେତ ଗଜପତି ଡିପିସିଙ୍କୁ ଚିଠି ଲେଖି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଇ ତେଲେଗୁ ମାଧ୍ୟମରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ବହି କିଣି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଉଲ୍ଲିଖିତ ବର୍ଗର ଛାତ୍ରୀଛାତ୍ରଙ୍କୁ ଉକ୍ତ ବହି ମିଳିନଥିବା ଅଭିଯୋଗ ହୋଇଛି। ଜିଲା ୟୁନିକ ଟାସ୍କ ପାଉଣ୍ଡେନଶନ ଓସେପା ନିର୍ଦ୍ଦେଶକଙ୍କ ଚଳିତ ମାସ ୯ତାରିଖ ପତ୍ରାଙ୍କ ସଂଖ୍ୟା ୧୪୩୦୮ ଚିଠି ଆକାରରେ କହିଛି ଯେ ଗତ ଜୁଲାଇ ମାସରୁ ନିର୍ଦ୍ଦେଶ ମିଳିଥିଲେ ବି ଏଯାଏ ତେଲୁଗୁ ମାଧ୍ୟମରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବହି ନମିଳିବା ଦୁର୍ଭାଗ୍ୟଜନକ। ସମ୍ପୃକ୍ତ ପିତାମାତା ଅଭିଭାବକ ସେମାନଙ୍କ ପିଲାଙ୍କୁ ଶୀଘ୍ର ବହି ଯୋଗାଇବାକୁ ଦାବି କରିଛନ୍ତି।

# ରାସ୍ତା ଅବରୋଧ ଯୋଗୁ ଘଣ୍ଟାଏ ଅଟକିଲା ଆମ୍ବୁଲାନ୍ସ

ରାୟଗଡ଼ା ଅଫିସ,୧୮।୧୧

ରାଜପଥ ଉପରେ ଗାଡ଼ି ପାର୍କିଂ କରି ଲୋକେ ପିକ୍‌ନିକ୍‌ରେ ମସଗୁଲ ଥିବାବେଳେ ରୋଗୀଙ୍କୁ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଘଣ୍ଟାଏ ଅଟକି ରହିବାକୁ ପଡ଼ିଥିଲା। ରାୟଗଡ଼ା ସହର ନିକଟସ୍ଥ ହାଲୁଆ ସ୍ଥିତ ଆମ୍ବତୋଟା ନିକଟରେ ଶୁକ୍ରବାର ଏଭଳି ପରିସ୍ଥିତି ଉପୁଜିଥିଲା।

ସୂଚନା ଅନୁଯାୟୀ, ଆମ୍ବତୋଟାରେ ପିକନିକ୍ ଚାଲିଥିବା ବେଳେ ଶତାଧିକ ଯାନବାହନ ରାଜପଥ ଉପରେ ପାର୍କିଂ କରି ମଉଜ ମସ୍ତି କରୁଥିଲେ। ରାସ୍ତାରେ

**ରାଜପଥରେ ଶତାଧିକ ଗାଡ଼ି ରଖି ପିକନିକ୍‌ରେ ମସଗୁଲ**

ଯାଉଥିବା ଲୋକେ ଗାଡ଼ି ହଟାଇବାକୁ କହିଥିଲେ ମଧ କେହି ଶୁଣି ନ ଥିଲେ। ଏହି ସମୟରେ କୋରାପୁଟ ଯାଉଥିବା ଏକ ଆମ୍ବୁଲାନ୍ସକୁ ମଧ ରାସ୍ତା ଛାଡ଼ି ନ ଥିଲେ। ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଆମ୍ବୁଲାନ୍ସ ଅଟକି ରହିଥିଲା। ସୂଚନା ପାଇ ରାୟଗଡ଼ା ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଏବଂ ଅନ୍ୟ ପୋଲିସ୍ କର୍ମଚାରୀ ପହଞ୍ଚି ଗାଡ଼ିଗୁଡ଼ିକୁ ହଟାଇବା ପରେ ଆମ୍ବୁଲାନ୍ସ କୋରାପୁଟ ଅଭିମୁଖେ ଯାଇଥିଲା। ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ କୌଣସି ସମସ୍ୟା ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ପିକ୍‌ନିକ୍ ଋତୁ ଚାଲିଥିବାରୁ ପୋଲିସ ପାଟ୍ରୋଲିଂ ବଢ଼ାଇବାକୁ ଦାବି ହୋଇଛି।



# ଦାମନଯୋଡ଼ିର ଲଳିତା ପାଇଲେ ଓଜେଏସ୍

ଦାମନଯୋଡ଼ି,୧୮।୧୧(ଡି.ଏନ୍.ଏ.)

ବିନା କୌଣସି କୋଚିଂରେ ଓଡ଼ିଶା ଜୁଡିସିଆଲ ସର୍ଭିସ(ଓଜେଏସ୍) ପରୀକ୍ଷାରେ ସଫଳତା ପାଇଛନ୍ତି ଦାମନଯୋଡ଼ିର ମହିଳା ଲଳିତା ପାତ୍ର। ଅତୀତରେ ବାରମ୍ବାର ଅକୃତକାର୍ଯ୍ୟ ହୋଇଥିଲେ ମଧ ସେ ଭାଙ୍ଗିପଡ଼ି ନ ଥିଲେ। କଠିନ ପରିଶ୍ରମ, ନିରନ୍ତର ଉଦ୍ୟମ, ଦୃଢ଼ ଆତ୍ମବିଶ୍ୱାସ ଥିଲେ ଜଣେ ସବୁ କ୍ଷେତ୍ରରେ ସଫଳତା ପାଇପାରିବ ବୋଲି ସେ କହିଛନ୍ତି। ଗତ ୧୧ରେ ପ୍ରକାଶ ପାଇଛି ୨୦୨୧ ବର୍ଷର ଓଜେଏସ୍ ପରୀକ୍ଷାଫଳ। ଏଥିରେ ଲଳିତାଙ୍କୁ ମେଧା ତାଲିକାର ୪୪ ନମ୍ବର ସ୍ଥାନ ମିଳିଛି। ଲଳିତାଙ୍କ ପୈତୃକଘର ମୟୂରଭଞ୍ଜ ଜିଲାର ରରୁଆଁ ବ୍ଲକ୍ ଅନ୍ତର୍ଗତ ମୁକୁନା ଗାଁରେ। କେନ୍ଦୁଝର ଜିଲା ଯୋଡ଼ାର ଈଶ୍ୱର ଚନ୍ଦ୍ର ପାତ୍ରଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ଈଶ୍ୱର ଦାମନଯୋଡ଼ି ନାଲ୍‌କୋ ମେକାନିକାଲ ବିଭାଗରେ ସୁପରିଣ୍ଟେଣ୍ଡେଣ୍ଟ ରୂପେ କାର୍ଯ୍ୟରତ ଥିଲେ। ବିବାହ ପରେ ଦାମନଯୋଡ଼ିକୁ ଆସିଥିଲେ ଲଳିତା। ଜୟପୁର ଆଇନ ମହାବିଦ୍ୟାଳୟରେ ଆଇନ ପାଠରେ ନାମ ଲେଖାଇ ସେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ।

# ବେକରେ ଓଢଣି ବାନ୍ଧି ନାବାଳିକାଙ୍କ ଆତ୍ମହତ୍ୟା

ଡାବୁଗାଁ, ୧୮।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ନୂଆଗୁଡା ଗ୍ରାମରେ ବେକରେ ଓଢଣୀ ବାନ୍ଧି ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଡାବୁଗାଁ ନୂଆଗୁଡା ଗ୍ରାମର ରାଧା ଦେବୀ ହରିଜନଙ୍କ ଝିଅ ଅର୍ଚ୍ଚନା (୧୪)। ଶୁକ୍ରବାର ଦିନ ପ୍ରାୟ ୧୧ଟାରେ ଅର୍ଚ୍ଚନା ମାଙ୍କ ସହ ଘର ବାହାରେ ଥିଲେ। କିଛି ସମୟ ପରେ ସେ ଘର ଭିତରକୁ ଚାଲି ଆସିଥିଲେ। କିଛି ସମୟ ପରେ ରାଧାଦେବୀ ଘର ଭିତରକୁ ଯିବା ପରେ ରାଧା ଦୁଲମରେ ବେକରେ ଓଢଣୀ ଝୁଲିଥିବା ଦେଖିଲେ। ସେ ସଙ୍ଗେସଙ୍ଗେ ପାଟି କରି ପରିବାର ଲୋକେ ଓ ସାହି ପଡିଶାଙ୍କୁ ଡାକିଥିଲେ। ସମସ୍ତେ ଅର୍ଚ୍ଚନାଙ୍କୁ ଉଦ୍ଧାର କର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଧାଦେବୀ ଏ ନେଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏଏସ୍‌ଆଇ ପୁଷ୍ପଲତା ସୁନାନୀ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନା କେସ ନଂ ୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଛଡ଼ାଇ ନେଲେ

ରାୟଗଡ଼ା ଅଫିସ,୧୮।୧୧

ରାୟଗଡ଼ା ଟାଉନ ଥାନା ଅଧୀନ ତୁମ୍ବିଗୁଡା ଛକ ନିକଟରେ ଜଣେ ବ୍ୟବସାୟୀଙ୍କ ଠାରୁ ଶୁକ୍ରବାର ଦୁର୍ବୃତ୍ତମାନେ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବ୍ୟବସାୟୀ ମୋହନ ରାଓ ଏସ୍‌ବିଆଇ ତୁମ୍ବିଗୁଡ଼ା ଶାଖାକୁ ଟଙ୍କା ଜମା କରିବା ପାଇଁ ଆସି ଲୁଟ୍‌ର ଶିକାର ହୋଇଛନ୍ତି।

ସୂଚନା ଅନୁଯାୟୀ, ମୋହନ ଦିନ ପ୍ରାୟ ୧୨ ଟା ବେଳେ ୨ ଲକ୍ଷ ଟଙ୍କା ନେଇ ବ୍ୟାଙ୍କରେ ଜମା କରିବାକୁ ଆସିଥିଲେ। ଭିଡ଼ ଥିବାରୁ ସେ ଟଙ୍କା ବ୍ୟାଗ୍ ଧରି ବ୍ୟାଙ୍କ ବାହାରକୁ ପାଣି ପିଇବାକୁ ଆସିଥିଲେ। ବ୍ୟାଙ୍କ ନିକଟରେ ଥିବା ଏକ ହୋଟେଲରେ ପାଣି ପିଇବା ସମୟରେ ଦୁଇ ଦୁର୍ବୃତ୍ତ ଆସି ତାଙ୍କଠାରୁ ବ୍ୟାଗ୍ ଟାଣିନେଇ ବାଇକ୍‌ରେ ଚାଲି ଯାଇଥିଲେ। ମୋହନ ପାଟିକରି ଲୋକଙ୍କୁ ଡାକିବା ବେଳକୁ ସେମାନେ ଚମ୍ପଟ ମାରିଥିଲେ। ଏ ନେଇ ଟାଉନ ଥାନାରେ ମୋହନ ଅଭିଯୋଗ କରିଥିବାବେଳେ ପୋଲିସ ନିକଟସ୍ଥ ଦୋକାନରୁ ସିସିଟିଭି ଫୁଟେଜ ସଂଗ୍ରହ କରୁଛି। ଏହା ତଦନ୍ତରେ ସହାୟକ ହେବ ବୋଲି ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

# ମଞ୍ଚରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ପାପଡାହାଣ୍ଡି,୧୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଲେଇଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସର୍ଗିଫୁଲ’ ଅନୁଷ୍ଠିତ ହୋଇଯାଇଛି। ଦଲେଇଗୁଡ଼ା ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରଞ୍ଜିତା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ପାପଡାହାଣ୍ଡି ବ୍ଲକର ୧୧ ସେବାଶ୍ରମ ବିଦ୍ୟାଳୟ ଓ ୩ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ ତର୍କ, ସାଧାରଣଜ୍ଞାନ, ଚିତ୍ରାଙ୍କନ,ବକ୍ତୃତା, ସଂଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗ୍ରୁପ୍ ଡ୍ୟାନ୍ସରେ ଦଲେଇଗୁଡ଼ା ସେବାଶ୍ରମ ବିଦ୍ୟାଳୟ ପ୍ରଥମ, ଏସ୍‌ଏସ୍‌ଡି ହାଇସ୍କୁଲ ଜଟାବାଲ ଦ୍ୱିତୀୟ ଓ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପାପଡାହାଣ୍ଡି ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୨୦ ତାରିଖରେ କୃତି ଛାତ୍ରୀମାନେ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଜିଲାପାଳଙ୍କୁ ଭେଟିଲେ ଶିକ୍ଷକ ସଂଘ**

ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଇଓ ବିରେନ୍ଦ୍ର କୁମାର ପାଢ଼ୀ, ଏବିଇଓ ବାଲକଦାସ ରନ୍ଧାରୀ, ପ୍ରଧାନଶିକ୍ଷକ ଫ୍ରାନସିସ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବା ସହ ବିଭିନ୍ନ ପ୍ରତିଭା ପ୍ରଦର୍ଶନ କରି ବିଦ୍ୟାଳୟ ଓ ପରିବାର ନା ରଖିବା ପାଇଁ ଅତିଥିମାନେ ଉପସ୍ଥିତ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସଞ୍ଜୀବ ପଣ୍ଡା ମଞ୍ଚ ଓ ବିଶ୍ୱନାଥ ପାଣି ପରିଚାଳନା କରିଥିଲେ। ବ୍ଲକ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, କ୍ଷେମା ଗରଡା, ଧୀରେନ ଦାସ, ଲଛମନ ମାଝି, ସୁକାନ୍ତ ଷଡ଼ଙ୍ଗୀ, ସତ୍ୟଭାମା ଚୌଧୁରୀ, ସ୍ୱରସ୍ୱତୀ ବେହେରାଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚୂଡ଼ାନ୍ତ ପର୍ଯ୍ୟାୟରେ ୟୁଏଚ୍‌ଡବ୍ଲ୍ୟୁସି ସ୍ଥାନ ଚିହ୍ନଟ



ୟୁଏଚ୍‌ଡବ୍ଲ୍ୟୁସି ପାଇଁ ସ୍ଥାନ ଚିହ୍ନଟ ବେଳେ ଲୋକ ପ୍ରତିନିଧି, ଅଧିକାରୀ , ଡାକ୍ତର ଓ ଅନ୍ୟମାନେ।

ଉମରକୋଟ, ୧୮।୧୧(ସ୍ୱ.ପ୍ର.)

ପୌରାଞ୍ଚଳ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟରେ ଖୋଲିବାକୁ ଯାଉଛି ଅର୍ବାନ ସ୍ୱାସ୍ଥ୍ୟ ଓ ନୀରୋଗୀକରଣ କେନ୍ଦ୍ର (ୟୁଏଚ୍‌ଡବ୍ଲ୍ୟୁସି)। ଏହି କେନ୍ଦ୍ର ଖୋଲିବାକୁ ସ୍ଥାନ ଚିହ୍ନଟ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ସୂଚନା ଦେଇଛନ୍ତି ପୌରାଧ୍ୟକ୍ଷା ରାଧା ଭତ୍ରା। ଶୁକ୍ରବାର ୟୁଏଚ୍‌ଡବ୍ଲ୍ୟୁସିର ସ୍ଥାନ ନିରୂପଣ ବେଳେ ପୌରାଧ୍ୟକ୍ଷା ରାଧା ଭତ୍ରା, ନିର୍ବାହୀ ଅଧିକାରୀ ଋଷି ମାଝି, ଡାକ୍ତର ଶରତ ଚନ୍ଦ୍ର ସେଠୀ, ପୌର ପରିଷଦ ମୁଖ୍ୟ କିରାଣି ନାଗେଶ୍ୱର ରାଓ ଓ ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର ଗଗନ ଚରଣ ସାହୁ ଉପସ୍ଥିତ ଥିଲେ।

ନୂଆଦିଲ୍ଲୀ ସ୍ଥିତ ଓକ୍‌ଟାଭୋ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଓ ପୌରାଞ୍ଚଳର ମିଳିତ ଆନୁକୂଲ୍ୟରେ ସୁବିଧା ଲୋକଙ୍କୁ ଯୋଗାଇ ଦିଆଯିବ। ଯେକୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଜନିତ ଯଦି କିଛି ଅସୁବିଧା ହୁଏ ତା’ହେଲେ ସେମାନେ ତୁରନ୍ତ ଏହି କେନ୍ଦ୍ର ମାଧ୍ୟମରେ ପ୍ରାଥମିକ ଚିକିତ୍ସା ସେବା ପାଇପାରିବେ। ଉପସ୍ଥିତ ଡାକ୍ତରଙ୍କ ପରାମର୍ଶରେ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବା ଅନ୍ୟତ୍ର ଯାଇପାରିବା ଲକ୍ଷ୍ୟ ନେଇ ଏହି ୟୁଏଚ୍‌ଡବ୍ଲ୍ୟୁସି ଖୋଲାଯାଇଛି। ଏଠାରେ ଜଣେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ରହିବେ। ରକ୍ତ ନମୁନା ଓ ଅନ୍ୟ କିଛି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇପାରିବ ବୋଲି ଡାକ୍ତର ଶରତ ଚନ୍ଦ୍ର ସେଠୀ କହିଛନ୍ତି। ଏହିସବୁ ସୁବିଧା ଲୋକଙ୍କୁ ମାଗଣାରେ ମିଳିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ କି.ମି. ଦୂରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ନିୟମ ରହିଛି। ଆଗାମୀ ଦିନରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆହୁରି ଏହିଭଳି କେନ୍ଦ୍ର ଖୋଲିବାର ବ୍ୟବସ୍ଥା ରହିଛି ବୋଲି ସୂଚନା ମିଳିଛି। ଅତିଶୀଘ୍ର ଏହି କେନ୍ଦ୍ର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ଏହା ଜିଲାର ଦ୍ୱିତୀୟ ଅର୍ବାନ ସ୍ୱାସ୍ଥ୍ୟ ଓ ନୀରୋଗୀକରଣ କେନ୍ଦ୍ର।

# ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୧୮।୧୧(ବି.ପ୍ର.)

ଆନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ନବରଙ୍ଗପୁର ଶାଖା ଓ ଓଡ଼ିଶା ଶାଖା ସାଧାରଣ ବିଭାଗ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ତୃପ୍ତି ହୋଟେଲ କନଫରେନ୍ସ ହଲ୍‌ରେ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡିଏସ୍‌ପି ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି, ପୌରାଧ୍ୟକ୍ଷ କୁନୁ ନାୟକ, ସାମାଜିକ କର୍ମୀ ତଥା ରାଜ୍ୟ ଶାଖା ସଦସ୍ୟ ଜଗନ୍ନାଥ ମହାପାତ୍ର, ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ ମିଶ୍ର, ଆନ୍ତର୍ଜାତୀୟ ମାନବ ଅଧିକାର ଓଡ଼ିଶା ଶାଖା ସଭାପତି ସସ୍ମିତା ଦାସ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ସମ୍ମାନର ସହ ବଞ୍ଚିବା, ଜୀବନ ରକ୍ଷା ଅଧିକାର, ମାନବ ଅଧିକାର ସୁରକ୍ଷା ଆଇନ ଅନୁଯାୟୀ ମାନବାଧିକାର କମିଶନମାନ ଗଠିତ ହୋଇଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ନିମନ୍ତେ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, କାଉନସିଲର ଏ. ସତିଶ, ରାଜ୍ୟ ଶାଖା ଉପସଭାପତି ପ୍ରଭୁ ପ୍ରସାଦ ମହାନ୍ତି, ଅନୁଗୋଳ ଜିଲା ଶାଖାର ଜନ୍ମେଶ୍ୱର ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ଶାଖା ସଭାପତି ପ୍ରତାପ ଚନ୍ଦ୍ର ପାଢି, ଯାଜପୁର ଜିଲା ଶାଖା ସହ ସମ୍ପାଦକ ଗମ୍ଭାଧର ନାୟକ, କଳାହାଣ୍ଡି ଜିଲା କିନ୍ନର ସଂଘ ସଭାପତି କାମିନୀ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ପାଢ଼ୀ, ନବରଙ୍ଗପୁର ଶାଖା ସଭାପତି ମଧୁସୂଦନ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ଚୌଧୁରୀ, ନିରଞ୍ଜନ ମିଶ୍ର, ଆଇନଜୀବୀ କିଶୋରୀ ପଟ୍ଟନାୟକ, ଗୋପାଳ ପାଣିଗ୍ରାହୀ, ସମାଜିକ କର୍ମୀ ଅମ୍ବିକା ପ୍ରଧାନ, ଶ୍ରୀଧର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗା ପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। କାଉନସିଲର ଶର୍ମିଷ୍ଠା ଦେଓ ଧନ୍ୟବାଦ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲ୍‌ଟ୍ରାସାଉଣ୍ଡ ସେବା ଲୋକାର୍ପିତ

ମୁନିଗୁଡ଼ା,୧୮।୧୧(ଡି.ଏନ୍.ଏ.)

ରାୟାଗଡ଼ା ଜିଲା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଅଲ୍‌ଟ୍ରାସାଉଣ୍ଡ ସେବା ଲୋକାର୍ପିତ ହୋଇଛି। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ଓ ବିପିଏମ୍ ତପନ କୁମାର ପଣ୍ଡାଙ୍କ ମିଳିତ ଆୟୋଜନରେ ଆୟୋଜିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସିଡିଏମ୍‌ପିଏଚ୍‌ଓ ଡା. ଲାଲମୋହନ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା, ବିଡ଼ିଓ ଦିଲୀପ କୁମାର ବେହେରା, ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ(ଏଫଡବ୍ଲ୍ୟୁ), ଡିପିଏମ ଡା. ଜି.ରାଜେଶ୍ୱର ପଟ୍ଟନାୟକ, ଗୁଣପୁର ଉପଖଣ୍ଡ ଚିକିତ୍ସାକେନ୍ଦ୍ର ଅଧିକାରୀ ଡା. ରତିକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଶବର ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସିଡିଏମ୍‌ଓ ଗଣମାଧ୍ୟମକୁ ପ୍ରତିକ୍ରିୟାରେ ଜଣାଇଛନ୍ତି, ଏହି ସେବା ଏବେ ମାସକୁ ମାତ୍ର ଗୋଟିଏ ଦିନ ଉପଲବ୍ଧ ହେବ। ପରେ ଅଧିକ ଦିନ ସେବା ଉପଲବ୍ଧ କରାଯିବ। ସୂଚନାଯୋଗ୍ୟ, ଟେକ୍ନିସିଆନଙ୍କ ଅଭାବ ଯୋଗୁ ଦୀର୍ଘ ଦଶନ୍ଧି ଧରି ପଡ଼ିରହିଥିବା ଏକ୍ସ–ରେ ମେଶିନ ଅକାମି ହୋଇ ପଡ଼ିରହିଛି। ଅଲ୍‌ଟ୍ରାସାଉଣ୍ଡ ସେବାର ସମାନ ସ୍ଥିତି ଉପୁଜିବ କି ପ୍ରଶ୍ନରେ ଅଧିକାରୀ କହିଛନ୍ତି, ଜିଲାରେ ପ୍ରଥମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ମୁନିଗଡ଼ା ଠାରେ ଏହି ସେବା ଉପଲବ୍ଧ କରାଯାଇଛି। ଏଠାରେ ଶୀଘ୍ର ଏକ୍ସ–ରେ ସେବାର ବ୍ୟବସ୍ଥା ବ୍ୟବସ୍ଥା ମଧ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିକାଶ ପରିଷଦ ପକ୍ଷରୁ ସଭାପତି ଘନଶ୍ୟାମ ମାର୍ଥା, ଉପ ସଭାପତି ଭୀମ ବେହେରା, ସୁବାସ ଗୌଡ଼, ସମ୍ପାଦକ ସୁଦାମ ପଣ୍ଡା, କୋଷାଧ୍ୟକ୍ଷ ମନୋଜ ସାହୁ, କୁମାର ରାଜୁ ଏବଂ ପ୍ରେସ୍‌କ୍ଲବ ତରଫରୁ ଖବରଦାତା ମନୋରଞ୍ଜନ ଦଳାଇ, ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଓ ଉନ୍ନତି ଉପରେ ସିଡିଏମ୍‌ଓ ଏବଂ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।



ଅତିଥିମାନେ ଅଲ୍‌ଟ୍ରାସାଉଣ୍ଡ ସେବ ଶୁଭାରମ୍ଭ କରୁଛନ୍ତି।

